## ସଂକ୍ଷେପରେ

### ଅଟୋକୁ ଧକ୍କା ଦେଲା ଥାର୍: ଚାଲିଗଲା ଦେଢ଼ବର୍ଷ ଝିଅର ଜୀବନ

ବାହାନଗା, ୩।୪(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ୧୬ ନମ୍ବର ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଥାର୍ ଗାଡ଼ି ଏକ ଅଟୋକୁ ଧକ୍କା ଦେବାରୁ ଦେଢ଼ବର୍ଷ ଝିଅର ଜୀବନ ଯାଇଛି। ଶୁକ୍ରବାର ସନ୍ଧ୍ୟାରେ ସୋରରୁ ଅଟୋ ଯୋଗେ ୬ଜଣ ଫେରୁଥିଲେ। ଖନ୍ତାପଡା ବଜାର ନିକଟରେ ଅଟୋ ପଛପଟୁକୁ ଥାର ଗାଡି(ନଂ. ଓଡି ୦୨ ସିଇ ୨୫୬୨ )ଧକ୍କା ଦେଇଥିଲା। ଅଟୋରେ ବସିଥିବା ଦେଢ଼ବର୍ଷ ଝିଅର ମୃତ୍ୟୁ ହୋଇଥିଲା। ଅନ୍ୟ ୫ଜଣ ଗୁରୁତର ହୋଇ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ଜିଲା ସରକାରୀ ମେଡିକାଲ କଲେଜକୁ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି। ଗୁରୁତରମାନେ ହେଲେ ମୃତ ଝିଅର ମା' ଆଶ୍ରିତା ମହାଳିକ, ଯାଆ ସୁମିତ୍ରା ମହାଳିକ, ବାସନ୍ତୀ ପ୍ରଧାନ, ବଡ଼ ଝିଅ ଶ୍ରୁତି ମହାଳିକ, ଅଟୋ ଡ୍ରାଇଭର ସପନ କୁମାର ରାଉଳ। ମୃତ ସ୍ମୃତି ହେଲେ ଆଶ୍ରିତାଙ୍କ ସାନ ଝିଅ। ସମସ୍ତଙ୍କ ଘର ବାହାନଗା ବ୍ଲକ ଚକଜଗନ୍ନାଥପୁର ଅଞ୍ଚଳରେ। ଖନ୍ତାପଡ଼ା ପୋଲିସ ପହଞ୍ଚି ଥାର୍ ଗାଡ଼ିକୁ ଜବତ କରିଛି। ଗାଡ଼ି ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

### ବୃଦ୍ଧଙ୍କୁ କଚାଡ଼ି ମାରିଲା ହାତୀ

ବସ୍ତା, ୩।୪(ହରିଶଙ୍କର ପାଢ଼ୀ)

ମୟୂରଭଞ୍ଜ ଜିଲା ସୀମାନ୍ତ ଜଙ୍ଗଲରୁ ୧୩ ଟିକିଆ ହାତୀପଲ ବସ୍ତା ବ୍ଲକ ନଟାକଟା ପଞ୍ଚାୟତରେ ଆତଙ୍କ ଖେଳାଇଛନ୍ତି। ଭାଦିପୁର ଏବଂ ପାଣି ନଗର ଗାଁରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ବୃଦ୍ଧଙ୍କୁ ଏକ ହାତୀ କଚାଡ଼ି ମାରିଦେଇଛି। ଏହି ହାତୀ ପଲ ଗ୍ରାମ ଭିତରକୁ ଯାଇ ପଶି ବ୍ୟାପକ ଫସଲ ନଷ୍ଟ କରିଥିଲେ। ରାସ୍ତାରେ ଆସୁଥିବା ଠାକୁର ମାରାଣ୍ଡି ନାମକ ବୃଦ୍ଧଙ୍କୁ ଏକ ହାତୀ କଚାଡ଼ି ମାରିଦେଇଥିଲେ। ବୃଦ୍ଧଙ୍କ ମୃତ୍ୟୁ ଘଟଣା ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ବସ୍ତା ବନ ବିଭାଗ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ଅଧିକାରୀ ଓ କର୍ମଚାରୀଙ୍କ ଅଭାବ ଲାଗିରହିଛି।

### ମଧ୍ୟାହ୍ନ ଭୋଜନ ଦିଗହରା

ବସ୍ତା, ୩।୪(ହରିଶଙ୍କର ପାଢ଼ୀ)

ବାଲେଶ୍ୱର ଜିଲା ବସ୍ତା ଏନ୍ଏସି ଅଧୀନ ଶମ୍ଭୁନାଥ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ହରିଲୁଟ୍ ହେଉଥିବା ଅଭିଯୋଗ ହୋଇଛି। ଓଡ଼ିଶା ଦିବସରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆ ନ ଯାଇ ଅଣ୍ଡା ଦିଆଯାଇଥିଲା। କେତେଜଣ ଅଭିଭାବକ ଜାଣିପାରି ଖବରଦାତାଙ୍କୁ ଖବର ଦେଇଥିଲେ। ତେବେ ସତ୍ୟାସତ୍ୟ ଜାଣିବା ପାଇଁ ଖବରଦାତାମାନେ ସ୍କୁଲ ପରିସରରେ ପହଞ୍ଚି ପଚରାଉଚରା ସହିତ ଫଟୋ ଉଠାଇବା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅଳକା ବିଦ୍ଧାଣୀ ଏହାକୁ ବାରଣ କରିଥିଲେ। ଅଭିଯୋଗକୁ ମିଛ ପ୍ରମାଣ କରିବାକୁ ଯାଇ ଖାଦ୍ୟ ଦେଉଥିବା ଗ୍ରୁପ୍‌କୁ ଚୁଲି ଲଗାଇ ରାନ୍ଧିବା ବାହାନା କରିଥିଲେ। ମାତ୍ର ସେତେବେଳକୁ ପିଲା ସବୁ ପଳାଇ ଯାଇଥିଲେ। ନିୟମ ଅନୁସାରେ କେତେ ପିଲା ମଧ୍ୟାହ୍ନ ଭୋଜନ ଖାଇଲେ, ସେ ନେଇ ଶିକ୍ଷା ବିଭାଗକୁ ଜଣାଇବା କଥା। ତେବେ ଭବିଷ୍ୟତରେ କାଳେ କୌଣସି ଅସୁବିଧା ହେବ ଚତୁରତାର ସହିତ ତାହା କରିଥିବା ଜଣାପଡିଛି । ଏନେଇ ବସ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି ପାଇଁ ଅଭିଭାବକ ମହଲରେ ଦାବି ହୋଇଛି। ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପ୍ରତିକ୍ରିୟା ନେବାରୁ ସେ ଏହାକୁ କପୋଳ କଳ୍ପିତ କହି ଏଡାଇ ଯାଇଥିଲେ।

### ପଞ୍ଚରୁଖିରେ ଲକ୍ଷ୍ମୀ ନାରାୟଣ ପୂଜା

ବାଲିଆପାଳ, ୩।୪(ଗୋପାଳଚନ୍ଦ୍ର ସାହୁ)

କୈବର୍ତ୍ତ ପୂର୍ଣ୍ଣିମା ଉପଲକ୍ଷେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ପଞ୍ଚରୁଖୀ ଗ୍ରାମର କୈବର୍ତ୍ତ ସମ୍ପ୍ରଦାୟ ପକ୍ଷରୁ ଅନୁଷ୍ଠିତ ଲକ୍ଷ୍ମୀ ନାରାୟଣ ପୂଜା ଶୁକ୍ରବାର ଶେଷ ହୋଇଛି। ବୁଧବାରଠାରୁ ଆରମ୍ଭ ହୋଇଥିଲା। ରବିବାର ମୂର୍ତ୍ତି ବିସର୍ଜନ ପରେ ସମସ୍ତ କାର୍ଯ୍ୟ ସମାପନ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଏହି ପୂଜା ପାଇଁ କୈବର୍ତ୍ତ ସମ୍ପ୍ରଦାୟ ଲୋକମାନେ ୩ଦିନ ମାଛଧରାକୁ ସମ୍ପୂର୍ଣ୍ଣ ବନ୍ଦ ରଖିଥିଲେ। ପୂଜା କମିଟି ସଦସ୍ୟ କୀର୍ତ୍ତନ ମହାନା, ଶ୍ରୀକାନ୍ତ ମାହାନା, ବିଭୂତିଭୂଷଣ ଖଣ୍ଡା, କୁଞ୍ଜବିହାରୀ ଖଣ୍ଡା, ଅଭିମନ୍ୟୁ ଗାଙ୍ଗାଇ, ଜୟପ୍ରକାଶ ଖଣ୍ଡା, ଜୟନାରାୟଣ ଖଣ୍ଡା, ସୁଧାଂଶୁ ମାହାନା, ଦେବାନନ୍ଦ ଖଣ୍ଡା, ସତ୍ୟଜିତ ଖଣ୍ଡା, ମନୋରଞ୍ଜନ ଖଣ୍ଡା, ଦୀପକ ଖଣ୍ଡା ପ୍ରମୁଖ ପୂଜା ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ପଞ୍ଚରୁଖି ଗ୍ରାମବାସୀଙ୍କ ସହିତ କମିଟି ଅନ୍ୟ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଚନ୍ଦନେଶ୍ୱର ମହାଦେବଙ୍କ ଚୈତ୍ର ଚଡ଼କମେଳା ଶୁଭାରମ୍ଭ



ଚଡ଼କମେଳା ଶୁଭାରମ୍ଭ ଅବସରରେ ଭକ୍ତ ଓ ସେବାୟତମାନଙ୍କ ଆରାଧନା।

ଭୋଗରାଇ, ୩।୪ (ପ୍ରଦୀପ ଦାସ)

- ଆଜି ଜୀଉଙ୍କ ଘଟ ଉତ୍ତୋଳନ
- ୨ ଶ୍ରେଷ୍ଠ ଶୈବଭକ୍ତଙ୍କ ସହ ଶତାଧିକ ଭକ୍ତଙ୍କ ଉପବିତ ଧାରଣ
- ଜିଲା ପ୍ରଶାସନ ତତ୍ପର

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱପ୍ରସିଦ୍ଧ ଚୈତ୍ର ଚଡ଼କ ମେଳା ଶୁକ୍ରବାରରୁ ଶୁଭାରମ୍ଭ ହୋଇଛି। ହୁଗୁଳି ଗ୍ରାମର କୂଳ ପାଉ ନ ଥିବା ଏହି ଦେବତାଙ୍କ ଭୋର ୪ ଟାରୁ ଜୀଉଙ୍କ ଗର୍ତ୍ତ ଗର୍ଭରେ ମହା ରୁଦ୍ରାଭିଷେକ, ନୀତିକାନ୍ତି ପୂଜାପାଠରୁ ମହାଦେବଙ୍କୁ ଆରାଧନା କରାଯାଇଛି। ଅସଂଖ୍ୟ ଶ୍ରଦ୍ଧାଳୁ ମହାଦେବଙ୍କଠାରେ ପ୍ରତ୍ୟୁଷରୁ ପୂଜାର୍ଚ୍ଚନା, ଆରାଧନା,ଭକ୍ତି ନୈବେଦ୍ୟ ଅର୍ପଣ କରିଛନ୍ତି। ଏଥିନିମନ୍ତେ ଅପରାହ୍ନରେ ମହାଦେବଙ୍କ ମୁଖ୍ୟ ସେବାୟତ ମୌରସୀ ତପନ କୁମାର ପଣ୍ଡା, ଉପମୌରସୀ ବୁଦ୍ଧଦେବ ପଣ୍ଡା ଅଜ୍ଞାମାଳ ନେଇ ଜୀଉଙ୍କ ଶ୍ରେଷ୍ଠଭକ୍ତ ପାଟଭକ୍ତ ହରିଶଚନ୍ଦ୍ର ସାହୁ ଓ ଶତାଧିକ ଉପବୀତଧାରୀ ଶୈବଭକ୍ତ ଚନ୍ଦନେଶ୍ୱର ମହାଦେବଙ୍କଠାରେ ଉପବୀତ ଧାରଣ କରି ବ୍ରତପାଳନ କରିଛନ୍ତି । ଚନ୍ଦନେଶ୍ୱର ପୀଠରୁ ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ସେବାୟତ, ପଣ୍ଡା, ଶୈବଭକ୍ତଙ୍କ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବାହାରି ସନ୍ଧ୍ୟାରେ ବରବରିଆ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ଗଙ୍ଗାଧର ଜେନାଙ୍କ ବାଡ଼ିରେ ନିଖୁଣ ଭାବେ ଥିବା ପଡାବାଉଁଶକୁ ପଣ୍ଡାମାନେ ପୂଜାର୍ଚ୍ଚନା କରିବା ସହିତ ଏହି ବାଉଁଶକୁ ଶ୍ରଦ୍ଧାଳୁମାନେ କାନ୍ଧରେ ଧରି ସୁଶୋଭିତ ଶୋଭାଯାତ୍ରାରେ ମନ୍ଦିରକୁ ବିଜେ କରିଛନ୍ତି। ଶନିବାର ଚନ୍ଦନେଶ୍ୱର ମହାଦେବଙ୍କ ଯଥା ସମୟରେ ଘଟ ଉତ୍ତୋଳନ ସହିତ ସେବାୟତ ଘରକୁ ଯାଇ ସୁଆଙ୍ଗ ଆନୟନ ଓ ଅର୍ଘଦାନ କାର୍ଯ୍ୟକ୍ରମ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବ।

ଅପରପକ୍ଷରେ ସୁବର୍ଣ୍ଣରେଖା ନଦୀତଟରେ ପ୍ରସିଦ୍ଧ ଶୈବପୀଠ ଭୂଷଣ୍ଡେଶ୍ୱର ଓ କୁମ୍ଭାରମୂଳୀ ଗ୍ରାମସ୍ଥିତ ଧବଳେଶ୍ୱର ମହାଦେବଙ୍କଠାରେ ଏକ ସଙ୍ଗେ ଅନୁରୂପ ଭାବେ ଚଡକମେଳା ଶୁଭାରମ୍ଭ ହୋଇଛି। ଚଳିତବର୍ଷ ରାଜ୍ୟ ଓ ଭିନ୍ନ ରାଜ୍ୟରୁ ୧୦ଲକ୍ଷରୁ ଉର୍ଦ୍ଧ ଯାତ୍ରୀଙ୍କ ଆଗମନ ସୂଚନା ମିଳିବାରୁ ଟ୍ରଷ୍ଟବୋର୍ଡ ଓ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଚନ୍ଦନେଶ୍ୱର ମନ୍ଦିରକୁ ବିଦ୍ୟୁତ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଥିବା ବେଳେ ପାନୀୟଜଳ, ଶୌଚାଗାର, ବିଦ୍ୟୁତ, ସ୍ୱାସ୍ଥ୍ୟ, ପାର୍କିଂ, ଅଗ୍ନି ନିର୍ବାପକ ଓ ପରିବେଶ ପରିଚ୍ଛନ୍ନତାକୁ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ୭ ତାରିଖ ମଙ୍ଗଳବାର ୭ ଅର୍ଘ୍ୟ,୯ ତାରିଖ ଗୁରୁବାର ୫ ଅର୍ଘ୍ୟ, ଶୁକ୍ରବାର ୪ ଅର୍ଘ୍ୟ ଓ ଶନିବାର ୩ ଅର୍ଘ୍ୟଦାନ, ୧୨ତାରିଖ ରବିବାର ନିଶିବାସନରୁ ମହାଦେବଙ୍କ ସହିତ କାମିନୀ ନାମକ ଅସୁରୁଣୀଙ୍କ ବିବାହ ସମ୍ପନ୍ନ ହେବ । ଡାକ, ଢୋଲ, ସାହାନାଇ, ରୋଷଣୀ ଅପୂର୍ବ ବିଶାଳ ଶୋଭାଯାତ୍ରାରେ ଶୈବଭକ୍ତ, ପ୍ରଶାସନ, ସେବାୟତଙ୍କ ହରିବୋଲ ଧ୍ୱନିରେ ବରକନ୍ୟା ମନ୍ଦିରେ ବିଜେ କରିବେ । ଏଥିସହ ସନ୍ଧ୍ୟାରେ ମହାଦେବଙ୍କ ନୀଳ ପୋଖରୀରେ ମହାନୀଳ ପର୍ବ ସମାପନ ହେବ। ୧୩ ତାରିଖ ସୋମବାର ଜୀଉଙ୍କ ଅନ୍ତିମ ପର୍ବ ପାଟ ଉତ୍ସବ ଉଦ୍‌ଯାପିତ ହେବ।

# ଜଳେଶ୍ୱର ହାଟ ହେବ 'ମଡେଲ ମାର୍କେଟ'



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଜଳେଶ୍ୱର, ୩।୪(ନବୀନ ସାହୁ)

- ନକ୍ସା ପ୍ରସ୍ତୁତ
- ବ୍ୟବସାୟୀଙ୍କ ସହ ପୌର ପ୍ରଶାସନର ଜରୁରୀ ବୈଠକ

ଉତ୍ତର ବାଲେଶ୍ୱରର ସର୍ବବୃହତ ବାଣିଜ୍ୟିକ କେନ୍ଦ୍ର ଭାବେ ପରିଚିତ ଜଳେଶ୍ୱର ହାଟର କାୟାକଳ୍ପ ବଦଳିବାକୁ ଯାଉଛି। ଏହାକୁ ଏକ ଅତ୍ୟାଧୁନିକ 'ମଡେଲ ମାର୍କେଟ' ବା ଆଦର୍ଶ ବଜାର ଭାବେ ଗଢ଼ି ତୋଳିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଅପରାହ୍ନରେ ଜଳେଶ୍ୱର ପୌରପାଳିକା କାର୍ଯ୍ୟାଳୟ ପରିସରରେ ବ୍ୟବସାୟୀଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନଙ୍କ ଆହ୍ୱାନରେ ଆୟୋଜିତ ବୈଠକରେ ହାଟର ଉନ୍ନତୀକରଣ ପାଇଁ ବ୍ୟବସାୟୀଙ୍କ ସହ ଆଲୋଚନା କରାଯାଇଥିଲା। ବିଶେଷ କରି ଜଳେଶ୍ୱର ଆର୍ଏମସି ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ସ୍ୱତନ୍ତ୍ର ଯୋଜନା ବାବଦରେ ଅବଗତ କରାଯାଇଥିଲା। ନିକଟରେ ଏକ ଆର୍କିଟେକ୍ଟ ସଂସ୍ଥା ଦ୍ୱାରା ଜିପିଏସ ସର୍ଭେ କରାଯାଇ ପ୍ଲାନିଂ ଓ ଡିଜାଇନ ପ୍ରସ୍ତୁତ ସରିଛି। ରାଜସ୍ୱ ବିଭାଗ ପକ୍ଷରୁ ହାଟ ଜମିର ସୀମା ନିର୍ଦ୍ଧାରଣ କରାଯାଇଛି। ପଥରପୁରା ମୌଜାର ପ୍ରାୟ ୧.୬୪ ଏକର ଜମି ଉପରେ ଏହି ହାଟ ପରିବ୍ୟାପ୍ତ ରହିଛି। ପ୍ରସ୍ତାବିତ ମଡେଲ ମାର୍କେଟରେ ୩ଟି ପାର୍କିଂ ଷ୍ଟାଣ୍ଡ, ସ୍ୱତନ୍ତ୍ର ଅଫିସ ଗୃହ, ଉନ୍ନତ ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପୌର ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା, ପୌର ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ଆର୍ଏମସି ସମ୍ପାଦକ ଡ. ସୁକାନ୍ତ ପାତ୍ର ଏବଂ ବିଧାୟକଙ୍କ ପ୍ରତିନିଧି ସତ୍ୟରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବ୍ୟବସାୟୀଙ୍କ ସମସ୍ୟା ପଚାରି ବୁଝିଥିଲେ। ଏଥିସହ ସମସ୍ତ ୱାର୍ଡ କାଉନସିଲର ମଧ୍ୟ ଉପସ୍ଥିତ ରହି ବିକାଶ କାର୍ଯ୍ୟରେ ସହଯୋଗ କରିବାକୁ ମତ ପ୍ରକାଶ କରିଥିଲେ।

## କର୍ଣ୍ଣାଟକରେ ଓଡ଼ିଆ ପୁଅ ଆଶିଷଙ୍କ କମାଲ | ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ

ବାହାନଗା, ୩।୪(ଅରୂପ କୁମାର ଦାସ)

ବାହାନଗା ବ୍ଲକ କୁରୁଡା ପଞ୍ଚାୟତ ୩ ନମ୍ବର ୱାର୍ଡ ପଣ୍ଡାସାହିର ଆଶିଷ କୁମାର ବେହେରା କର୍ଣ୍ଣାଟକରେ କମାଲ କରିଛନ୍ତି। ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ଏହାସହିତ ୧୦ହଜାର ଟଙ୍କା ପୁରସ୍କାର ବାବଦରେ ପାଇଛନ୍ତି।

ଆଶିଷ ପିଲାବେଳୁ ତାଙ୍କ ମା' ବାପାଙ୍କୁ ହରାଇଛନ୍ତି। ଘରେ କେବଳ ସାନ ଭଉଣୀଙ୍କୁ ଦାଦାଖୁଡିଙ୍କ ପାଖରେ ରଖି ସେ ୨୦୨୨ରେ କର୍ଣ୍ଣାଟକ କାମ କରିବାକୁ ଯାଇଥିଲେ। ସେଠାରେ କାମ କରିବା ବେଳେ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଜିମ୍‌ରେ ଆଡ଼ମିଶନ ହୋଇଥିଲେ। ତେବେ ୩ ବର୍ଷ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ପରେ ଟ୍ରେନରଙ୍କ ପରାମର୍ଶ କ୍ରମେ ପ୍ରତିଯୋଗିତା ନିମନ୍ତେ ପ୍ରସ୍ତୁତ ହେଉଥିଲେ। କର୍ଣ୍ଣାଟକରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ୩ ପ୍ରକାର ବିଭାଗରେ ଅଂଶଗ୍ରହଣ କରିଥିଲେ। ତେବେ ବଡି ବିଲଡିଂର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେହିପରି ୱାନ ସିକ୍ସଟି ଫାଇଭି-ୱାନ ସେଭେଣ୍ଟି ଫାଇଭି ବର୍ଗର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦ୍ୱିତୀୟ ହାସଲ କରି ରୌପ୍ୟ ପଦକ ପାଇଥିଲେ। ଏହି ପ୍ରତିଯୋଗିତାରେ ୮ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।



## ସୁଧୁରୁନି ହଳଦୀପଦା ରେଳଷ୍ଟେଶନ ସମସ୍ୟା
### ୬ରେ ରେଳରୋକୋ ନିଷ୍ପତ୍ତି

ବାଲେଶ୍ୱର, ୩।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଅଧୀନ ହଳଦୀପଦା ରେଳଷ୍ଟେଶନରେ ଦୀର୍ଘଦିନ ଧରି ସମସ୍ୟା ଲାଗିରହିଛି। ବାରମ୍ବାର ରେଳବିଭାଗ କର୍ତ୍ତୃପକ୍ଷଙ୍କୁ ସମସ୍ୟା ସମାଧାନ ଦିଗରେ ଅବଗତ କରାଯାଉଥିଲେ ହେଁ ଏଯାବତ୍ କୌଣସି ସୁଫଳ ମିଳିପାରୁନାହିଁ। ଫଳରେ ଆସନ୍ତା ୬ ତାରିଖ ସକାଳ ୬ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରେଳରୋକୋ ଆନ୍ଦୋଳନ କରାଯିବ ବୋଲି ପ୍ରଗତିମଞ୍ଚର ମୁଖ୍ୟ ପରିଚାଳକ ରବୀନ୍ଦ୍ର ମହାନ୍ତି, ସଭାପତି ବିଶ୍ୱଜିତ୍ ସାମଲ, ଉପମୁଖ୍ୟସଭାପତି କାଶୀନାଥ ଦାସ, ଉପସଭାପତି ବିଜୟ କୁମାର ନାୟକ, ସମ୍ପାଦକ ବିରେନ୍ଦ୍ର ନନ୍ଦ, କାର୍ଯ୍ୟକାରୀ ସଭାପତି ରାଧାକୃଷ୍ଣ ଜେନା ଓ ବୃହସ୍ପତି ଦାଶ, କୋଷାଧ୍ୟକ୍ଷ ଚୈତନ୍ୟ ପ୍ରସାଦ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।୧୧ ଦଫା ସମ୍ବଳିତ ଦାବିପତ୍ର ମାର୍ଚ୍ଚ ୭ତାରିଖରେ ଦକ୍ଷିଣପୂର୍ବ ରେଳପଥର ଖଡ଼ଗପୁର ଡିଭିଜନାଲ ରେଲୱେ ମ୍ୟାନେଜରଙ୍କୁ ଦିଆଯାଇଥିଲା।

## ପୋର୍ଟାଲ ମାଧ୍ୟମରେ ଗଣନା ପ୍ରକ୍ରିୟା ଅଧିକ ସହଜ : ଜିଲାପାଳ

ବାଲେଶ୍ୱର, ୩।୪(ବାଞ୍ଛାନିଧି ଦେ)



ଜିଲାପାଳ ସୂଚନା ଦେଉଛନ୍ତି।

ଜନଗଣନା-୨୦୨୭ ପାଇଁ ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସରିଛି। ଏ ସମ୍ପର୍କରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ତଥା ଜିଲା ମୁଖ୍ୟ ଜନଗଣନା ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ସମସ୍ତ ଜିଲାବାସୀଙ୍କୁ ସବିଶେଷ ସୂଚନା ଦେଇଛନ୍ତି। ସରକାରୀ ପୋର୍ଟାଲ ମାଧ୍ୟମରେ ସ୍ୱଗଣନା କାର୍ଯ୍ୟ କିପରି କରାଯିବ ଓ ପୋର୍ଟାଲରେ ନିଜର ଠିକ୍ ତଥ୍ୟ ପ୍ରଦାନ କରିବା ପାଇଁ ଜିଲାପାଳ କହିଛନ୍ତି। ଏହି ସ୍ୱଜନଗଣନା ପ୍ରକ୍ରିୟା ଏପ୍ରିଲ ୧ରୁ ୧୫ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ଏସ୍ଇ.ସେନ୍ସସ୍.ଗଭ୍.ଇନ୍ ପୋର୍ଟାଲରେ ଉପଲବ୍ଧ ରହିବ। ଜିଲାବାସୀ ସମସ୍ତେ ନିଜ ଘରୁ ସହଜରେ ଏହି ପୋର୍ଟାଲ ମାଧ୍ୟମରେ ପରିବାର ସମ୍ବନ୍ଧୀୟ ତଥ୍ୟ ଅନଲାଇନରେ ଗଣନା କରିପାରିବେ। ଜନଗଣନା ଭାରତର ଉନ୍ନତି ଓ ଯୋଜନାମୂଳକ ପ୍ରଗତି ପାଇଁ ଅତ୍ୟନ୍ତ ମୂଲ୍ୟବାନ ଏବଂ ଆବଶ୍ୟକ ପ୍ରକ୍ରିୟା। ଏହା ଦ୍ୱାରା ସରକାର ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଯୋଜନା ପ୍ରସ୍ତୁତ ଏବଂ ସାମାଜିକ, ଅର୍ଥନୈତିକ ବିକାଶକୁ ଦ୍ରୁତ କରିପାରିବେ। ଏହି ସ୍ୱଗଣନା ପୋର୍ଟାଲର ସୁବିଧା ନେଇ ନିଜର ଠିକ ତଥ୍ୟ ଦାଖଲ କରି ଜନଗଣନା-୨୦୨୭କୁ ସଫଳ କରିବା ନିମନ୍ତେ ଜିଲାପାଳ ବିକାଶ ସମସ୍ତ ଜିଲାବାସୀଙ୍କର ସହଯୋଗ କାମନା କରିଥିଲେ।

# ଡିଆଇଜିଙ୍କ ରାଇବଣିଆ ଅଞ୍ଚଳ ଗସ୍ତ

ଜଳେଶ୍ୱର, ୩।୪(ନବୀନ ସାହୁ)

ଡିଆଇଜି ପିନାକୀ ମିଶ୍ର ଶୁକ୍ରବାର ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନାରେ ପହଞ୍ଚିଥିଲେ। ସେଠାରେ ସେ ଥାନାର ବିଭିନ୍ନ ପୁରୁଣା ଓ ବିଚାରାଧୀନ ମାମଲା ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ପୋଲିସର ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ। ଥାନା ପରିଦର୍ଶନ ପରେ ସେ ସର୍ଦ୍ଧାରବନ୍ଧସ୍ଥିତ ଚୂଡ଼ାମଣିପୁର ନାକା ପଏଣ୍ଟକୁ ଯାଇଥିଲେ। ସୀମାନ୍ତ ଅଞ୍ଚଳ ଦେଇ ହେଉଥିବା ଚୋରା ଚାଲାଣ ଓ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ସେ ପୋଲିସ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ସେ ଐତିହାସିକ ରାଇବଣିଆ ଦୁର୍ଗ ପରିସର ମଧ୍ୟ ବୁଲି ଦେଖିଥିଲେ। ରାଇବଣିଆ ଆଇଆଇସି ଚମ୍ପାବତି ସୋରେନ ,ଥାନାର ଅନ୍ୟ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଶହୀଦ ସ୍ମାରକ ଜନକଲ୍ୟାଣ ପରିଷଦ ପକ୍ଷରୁ ଓଡ଼ିଶା ଦିବସ ପାଳିତ



 କାର୍ଯ୍ୟକ୍ରମରେ ଉପସ୍ଥିତ ପରିଷଦ କର୍ମକର୍ତ୍ତା।

ଖଇରା, ୩।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରକ୍ତତୀର୍ଥ ଡୁଡିଗଡିଆରେ ଶହୀଦ ସ୍ମାରକ ଜନକଲ୍ୟାଣ ପରିଷଦ ଆନୁକୂଲ୍ୟରେ ୯୧ତମ ଓଡ଼ିଶା ଦିବସ ମହାଆଡମ୍ବରରେ ପାଳିତ ହୋଇଯାଇଛି। ପରିଷଦ ସଭାପତି ବିଷ୍ଣୁମୋହନ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଡୁଡିଗଡିଆ ଗାୟତ୍ରୀ ପ୍ରଜ୍ଞାପୀଠର ତତ୍ତ୍ୱାବଧାରକ ପଣ୍ଡିତ କୈଳାସ ଚନ୍ଦ୍ର ପୃଷ୍ଟି , ମୁଖ୍ୟବକ୍ତା ଭାବେ ସୋର ଉପେନ୍ଦ୍ରନାଥ ମହାବଦ୍ୟାଳୟର ବାଣିଜ୍ୟ ବିଭାଗ ଅଧ୍ୟାପକ ପ୍ରଶାନ୍ତ କୁମାର ମହନ୍ତ ଯୋଗ ଦେଇଥିଲେ। ଆଚରଣ ଓ ଉଚ୍ଚାରଣରେ ଓଡିଆ ଭାଷା ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବାହାନଗା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯଦୁନାଥ ଶିଅଳ, ଗଗନଧୂଳି ସରପଞ୍ଚ ମଦନମୋହନ ସାନ୍ତରା, ପରିଷଦ ସହ ସମ୍ପାଦିକା ତୁଳସୀ ପରିଡ଼ା ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ସଂସ୍କୃତି ସମ୍ପାଦକ ଦୀନବନ୍ଧୁ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ପରିଷଦ ସଦସ୍ୟ ବିରଜନ ଜେନା, ଚିତ୍ତରଞ୍ଜନ ଜେନା, ଭରତଚନ୍ଦ୍ର ଶିଅଳ ଓ ସୁରେନ୍ଦ୍ର ବେଜ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବରିଷ୍ଠ ସଦସ୍ୟା ମଞ୍ଜୁବାଳା ମହାନ୍ତିଙ୍କ ନେତୃତ୍ୱରେ ସାର୍ବଜନୀ କଳପରିଷଦର ଛାତ୍ରୀଙ୍କ ଦ୍ୱାରା ଦେଶାତ୍ମକବୋଧକ ନୃତ୍ୟ ପରିବେଷଣ କରାଯାଇଥିଲା।

## ଡ୍ରେନରେ ବିସ୍ଫୋରଣ ପରେ ଅଗ୍ନିକାଣ୍ଡ

ବାଲେଶ୍ୱର,୩।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୯ ନମ୍ବର ୱାର୍ଡର ପ୍ରଗତିନଗର ଅଞ୍ଚଳର ଆଦିବାସୀ ବସ୍ତିରେ ଥିବା ଡ୍ରେନରେ ଶୁକ୍ରବାର କେହି ବ୍ୟକ୍ତି ତରଳ ରାସାୟନିକ ଦହନଶୀଳ ପଦାର୍ଥ ଢାଳି ଦେଇଥିଲେ। ଫଳରେ ହଠାତ୍ ଦୁଇଥର ପ୍ରଚଣ୍ଡ ବିସ୍ଫୋରଣ ଘଟିବା ସହ ଡ୍ରେନରେ ଯାଇଥିବା ଜନସ୍ୱାସ୍ଥ୍ୟ ବିଭାଗର ପ୍ଲାଷ୍ଟିକ ପାଇପଗୁଡିକରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ କାଉନସିଲର ସଂଜୀବ ଦାସ ପହଞ୍ଚି ଅଗ୍ନିଶମ କେନ୍ଦ୍ର ଓ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଲୋକେ ନିଆଁରେ ପାଣି ପକାଇଥଲେ ମଧ୍ୟ ତାହା ଲିଭି ନ ଥିଲା। ଅଗ୍ନିଶମବାହିନୀ ପହଞ୍ଚିଲା ବେଳକୁ ନିଆଁ ଲିଭି ଯାଇଥିଲା। ବସ୍ତିର କିଛି ପରିବାର ଡ୍ରେନ ଉପରେ କାଠ ଚୁଲି ଜଳୁଥିବା ବେଳେ ଦହନଶୀଳ ଦ୍ରବ୍ୟ ସଂସ୍ପର୍ଶରେ ଆସି ରୋଷେଇ ଉପକରଣ ପୋଡ଼ି ନଷ୍ଟ ହୋଇଯାଇଥିଲା। ତେବେ ପ୍ରଗତିନଗର ଅଞ୍ଚଳର ଏକ ଗଳିରେ ଏକ ବ୍ୟବସାୟିକ ସଂସ୍ଥା ଭଡ଼ା ଘରେ ଚାଲୁଥିବାବେଳେ ଏହି ସଂସ୍ଥା ସ୍କୁଲ ଓ କଲେଜଗୁଡିକୁ ରାସାୟନିକ ଦ୍ରବ୍ୟ ଯୋଗାଇଥାଏ। ଏହି ସଂସ୍ଥା କିଛି ତରଳ ରାସାୟନିକ ପଦାର୍ଥ ଡ୍ରେନରେ ଢାଳି ଦେଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରିଥିଲେ। ହେଲେ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ଏଭଳି ଅଭିଯୋଗକୁ ଖଣ୍ଡନ କରାଯାଇଥିଲା।

## ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ | ଭାଜପା ଉତ୍ତର ବାଲେଶ୍ୱର ସାଙ୍ଗଠନିକ ଜିଲା ରାଜ୍ୟରେ ପୁଣି ପ୍ରଥମ

ବାଲେଶ୍ୱର, ୩।୪(ବାଞ୍ଛାନିଧି ଦେ)

ପ୍ରଧାନମନ୍ତ୍ରୀଙ୍କ ୧୩୨ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ଶେଷ ହୋଇଛି। ଭାଜପା ଉତ୍ତର ବାଲେଶ୍ୱର ସାଙ୍ଗଠନିକ ଜିଲା ଅନ୍ତର୍ଗତ ୭୬୫ ବୁଥ୍‌ରେ ଶତପ୍ରତିଶତ ସିଧାପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାରୁ ଏହା ରାଜ୍ୟରେ ପୁଣି ପ୍ରଥମ ସ୍ଥାନ ଅଧିକାର କରିଛି। ପ୍ରତି ମାସର ଶେଷ ରବିବାର ପୂର୍ବାହ୍ନ ୧୧ଟାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଯୋଡ଼ି ହେବାକୁ କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥାଏ। ବସ୍ତା, ଜଳେଶ୍ୱର ଓ ଭୋଗରାଇ ନିର୍ବାଚନମଣ୍ଡଳୀକୁ ନେଇ ଗଠିତ ଉତ୍ତର ବାଲେଶ୍ୱର ସାଙ୍ଗଠନିକ ଜିଲାରେ ଏହି କାର୍ଯ୍ୟକ୍ରମର ଶତପ୍ରତିଶତ ସଫଳ ରୂପାୟନ ହୋଇପାରିଛି। ଜିଲା ସଂଯୋଜକ କୃଷ୍ଣଚନ୍ଦ୍ର ଦତ୍ତଙ୍କ ତତ୍ତ୍ୱାବଧାନରେ ବସ୍ତାରେ ୨୫୭ ବୁଥ୍‌ରେ ୪ହଜାର ୮ଶହ ୫୧ ଜଣ କାର୍ଯ୍ୟକର୍ତ୍ତା, ଜଳେଶ୍ୱରରେ ୨୫୫ ବୁଥ୍‌ରେ ୨ହଜାର ୨ଶହ ୩୪ କାର୍ଯ୍ୟକର୍ତ୍ତା ଓ ଭୋଗରାଇରେ ୨୫୩ ବୁଥ୍‌ରେ ୪ହଜାର ୭ଶହ ୫୮ କାର୍ଯ୍ୟକର୍ତ୍ତା ମନ କୀ ବାତ୍ ଶୁଣିଥିଲେ। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନରେ ତଥା ସାଙ୍ଗଠନିକ ଜିଲା ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ବଳିଷ୍ଠ ନେତୃତ୍ୱ ଓ ସଂଯୋଜକ କୃଷ୍ଣଚନ୍ଦ୍ର ଦତ୍ତଙ୍କ ସାଙ୍ଗଠନିକ ରଣନୀତି ଦଳକୁ ଶୀର୍ଷରେ ପହଞ୍ଚାଇବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ସଫଳତା ପାଇଁ ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆ, ବ୍ରଜମୋହନ ପ୍ରଧାନ ଓ ଆଶିଷ କୁମାର ପାତ୍ର, ସଂଯୋଜକ ରାଧାକାନ୍ତ ପ୍ରଧାନ ଓ କାଳିଚରଣ ଦାସଙ୍କ ସମେତ ୧୯ଜଣ ମଣ୍ଡଳ ସଭାପତି, ୧୯ ଜଣ ମନ୍ କି ବାତ୍ ସଂଯୋଜକ, ଜିଲା ଟିମ୍, ପଞ୍ଚାୟତ ପ୍ରମୁଖ, ବୁଥ୍ ସଭାପତି ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ରାଜ୍ୟ ଓ ଜିଲା ନେତୃତ୍ୱଙ୍କ ମାର୍ଗଦର୍ଶନ ଏବଂ ଦଳୀୟ ନେତା ଓ କର୍ମୀଙ୍କ ଦୃଢ଼ ଇଚ୍ଛାଶକ୍ତି ପାଇଁ ଏହି ସଫଳତା ମିଳିଛି ବୋଲି ଜିଲା ସଂଯୋଜକ ପ୍ରତିକ୍ରିୟାରେ କହିଛନ୍ତି।

15001/4/2627



ଅମର ଶହୀଦ ରଘୁ - ଦିବାକରଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଅପ୍ରେଲ, ୨୦୨୬
ସକାଳ ୮.୩୦ ମିନିଟ୍ :-
ଭୁବନେଶ୍ୱର ୟୁନିଟ୍ ୯, ରୋଡ଼ ନମ୍ବର – ୩ ସ୍ଥିତ
ଶହୀଦ ରଘୁ–ଦିବାକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ
ସନ୍ଧ୍ୟା ୬ ଘଟିକା ସାଧାରଣ ସଭା ଜୟଦେବ ଭବନ
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ
ମାନ୍ୟବର ବିଧାୟକ, ଖୋର୍ଦ୍ଧା
ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ସ୍ୱାଇଁ
ମାନ୍ୟବର ବିଧାୟକ, ଖଣ୍ଡପଡ଼ା
ଅତିଥି ବକ୍ତା
ଶ୍ରୀଯୁକ୍ତ ନାରାୟଣ ମହାପାତ୍ର
ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଅଧ୍ୟକ୍ଷ, ଜିଲ୍ଲା ଖାଉଟି ଆୟୁକ୍ତ, ନୟାଗଡ଼
ମୁଖ୍ୟବକ୍ତା
ଶ୍ରୀଯୁକ୍ତ ଯାମିନୀକାନ୍ତ ନାୟକ, ବିଶିଷ୍ଟ ଶିକ୍ଷାବିତ୍
ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁ-ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/15001/2/26-27/0004

## ସଂକ୍ଷେପରେ

### ହରିଣର କ୍ଷତାକ୍ତ ମୃତଦେହ ଜବତ

ପାଟଣା,୩।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ କ୍ଷୀରେଇଟାଙ୍ଗିରି ସେକ୍ସନ ଡିଣ୍ଡବିଟ୍ ହାତୀବାରି କାଜୁ ବଗିଚାରୁ ଶୁକ୍ରବାର ପୂର୍ବାହ୍ନରେ ଏକ ହରିଣର କ୍ଷତବିକ୍ଷତ ମୃତଦେହ ବନ ବିଭାଗ ଜବତ କରିଛି। ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବନରକ୍ଷୀ ସୁଜାତା ସାହୁ, ପାରା ସ୍କ୍ୱାର୍ଡ, ସିରାପାଣି ସେଠୀ ମୃତଦେହ ପାଟଣା ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। ସେଠାରେ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ରେଞ୍ଜର ବନବିହାରୀ ସର୍ଦ୍ଦାର କହିଛନ୍ତି।

### ମଦ ଦୋକାନ ଭାଙ୍ଗିଲେ ମହିଳା

ପାଟଣା,୩।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ସଅଁରାପଶି ଆକାଶିଆ ଜଙ୍ଗଲ ଭିତରେ ଥିବା ମଦ ଦୋକାନକୁ ମହିଳା ଭାଙ୍ଗିଦେଇଛନ୍ତି। ଶୁକ୍ରବାର ସଅଁରାପଶି ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ମହିଳା ଠେଙ୍ଗା, ବାଡ଼ି ଧରି ଚଢ଼ାଉ କରିଥିଲେ। ଅଞ୍ଚଳରେ ମଦ ବିକ୍ରି ଉପରେ ଅବକାରୀ ବିଭାଗ ଚଢ଼ାଉ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ସୂଚନା ଅନୁଯାୟୀ, ଦୀର୍ଘ ଏକ ବର୍ଷ ହେବ ପାଟଣା କେନ୍ଦେଇପୋଷି ରାସ୍ତା ପୁରୁଲିଆ ପାର୍ଶ୍ୱ ପେଟ୍ରୋଲ ପମ୍ପ ସମ୍ମୁଖରେ ଚାଳିଆ କରି ବେଆଇନ ଦେଶୀ ମହୁଲି, ପାଉଚ, ରସି, ହାଣ୍ଡିଆ ବିକ୍ରି ହେଉଛି। ଘରର ପୁରୁଷମାନେ ଯାହା ରୋଜଗାର କରୁଥିଲେ ଏହି ମଦ ଆଡ଼ାରେ ପିଇ ବର୍ବାଦ କରିବା ସହ ଘରେ ସବୁଦିନ ଝଗଡ଼ା କରୁଥିଲେ। ତେଣୁ ମହିଳାମାନେ ଏଭଳି ଚରମ ପଦକ୍ଷେପ ନେଇଥିବା କହିଥିଲେ। ମହିଳାଙ୍କ ଚଢ଼ାଉ ଦେଖି ମଦ ବ୍ୟବସାୟ କରୁଥିବା ମହିଳାମାନେ ଛତ୍ର ଭଙ୍ଗ ଦେଇଥିଲେ। ସୂଚନାଯୋଗ୍ୟ, ଗୁରୁବାର ମହିଳା ଚୋରା ମଦ କାରବାର ବନ୍ଦ ଦାବିରେ ଅବକାରୀ ଥାନା ଘେରାଉ କରିଥିଲେ।

### ମରୈଗାଁ ସମବାୟ ସମିତିର ବୈଠକ

ବଉଳା,୩।୪(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସେବା ସମବାୟ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ ସମିତିର ସମ୍ପାଦକ ଶରତ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଜଳଧର ମହାପାତ୍ରଙ୍କ ସଭାପତିତ୍ୱରେ ମିନତି ଦାଶ, ପୂର୍ବତନ ସଭାପତି କିର୍ତ୍ତନ ବିହାରୀ ଭୋଳ, ପ୍ରଭଞ୍ଜନ ଦାଶ ଅତିଥିଭାବେ ଯୋଗଦେଇଥିଲେ। ବୈଠକରେ ଚାଷୀଙ୍କୁ ଋଣ ପ୍ରଦାନ ଉପରେ ଆଲୋଚନା କରିବା ସହିତ ଚାଷୀ କିପରି ଉନ୍ନତ ପ୍ରଣାଳୀରେ ଚାଷ କରି ନିଜସ୍ୱ ଆର୍ଥିକ ସୁଦୃଢ଼ ହେବ ସେ ନେଇ ସମ୍ପାଦକ ସୂଚନା ଦେଇଥିଲେ। ସେହିପରି ବକେୟା ଋଣ ଆଦାୟ ଉପରେ ଆଲୋଚନା ହୋଇଥିଲା। ସମିତି ପକ୍ଷରୁ ଏକ କମିଟି ଗଠନ କରାଯାଇ ଋଣ ପ୍ରଦାନ ଓ ବକେୟା ଋଣ ଆଦାୟ ସମ୍ପର୍କରେ ଗାଁ ଗାଁ ବୁଲି ସଚେତନ କରାଇବାକୁ ଆଲୋଚନା ହୋଇଥିଲା। ଏହି ସମୟରେ ବହୁ ଚାଷୀ ଉପସ୍ଥିତ ଥିଲେ।

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ବଉଳା,୩।୪(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବଡ଼ରମ୍ପାସ ଗ୍ରାମର ଭରତ ଚନ୍ଦ୍ର ପାତ୍ରଙ୍କ ପୁତ୍ର ଚିନ୍ମୟ ପାତ୍ର(୩୪)ଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଚିନ୍ମୟ ନିଜ ଘର ବଡ଼ରମ୍ପାସରୁ ଅଣା ଛକ ବାଇକ୍ ଯୋଗେ ଆସୁଥିଲେ। ଅଣା କେନାଲ ନିକଟରେ ଭାରସାମ୍ୟ ହରାଇ ସମ୍ମୁଖରୁ ଆସୁଥିବା ବାଇକ୍ ସହିତ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଚିନ୍ମୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ହାଟଡ଼ିହୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆନନ୍ଦପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ଚିନ୍ମୟଙ୍କର ପରିବାରର ରବିନ୍ଦ୍ର ପାତ୍ର ନନ୍ଦିପଦା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏକ ମାମଲା(ନଂ.୧୩୧/୨୬) ରୁଜୁ ହୋଇଛି।

# କୁମୁଣ୍ଡି-ଫୁଲଝର ରାସ୍ତା ମରଣଯନ୍ତା

## ରାସ୍ତା ନିର୍ମାଣ କରିବାକୁ ଦାବି

କେନ୍ଦୁଝର,୩।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)



ରାସ୍ତାରେ ଧୂଳି ଉଡୁଛି।

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଉପର ରାଇଗୋଡ଼ା ପଞ୍ଚାୟତ ଅଧୀନରେ ଥିବା କୁମୁଣ୍ଡିରୁ ଅଁରାଦେଇ ଫୁଲଝର ରାସ୍ତା ମରଣଯନ୍ତା ପାଲଟିଛି। ମରାମତି କିମ୍ବା ନୂତନ ରାସ୍ତା ନିର୍ମାଣ ହେଉ ନ ଥିବାରୁ ଅଞ୍ଚଳବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି। ଲୋକେ ଧୂଳି, ଧୂଆଁ, ଖାଲଖମା ରାସ୍ତାରେ ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟାତ କରୁଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଦୀର୍ଘ ବର୍ଷ ହେବ ଏହି ରାସ୍ତାଟି ନିର୍ମାଣ ହେଉ ନ ଥିବାରୁ ସ୍ଥାନୀୟ ଯୁବକ ପଙ୍କଜ ବାରିକଙ୍କ ସମେତ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ରାସ୍ତାରେ ପ୍ରତି ଦିନ ବିଭିନ୍ନ କମ୍ପାନୀର ଲୁହାପଥର ବୋଝେଇ ହାଇୱା, ଟ୍ରକ୍ ଓ ଅନ୍ୟାନ୍ୟ ଭାରିଯାନ ଚଳାଚଳ କରୁଛି। ଫଳରେ ରାସ୍ତାରେ ଖାଲ ସୃଷ୍ଟି ହୋଇ ମରଣାଯନ୍ତା ପାଲଟିଛି। ଏଣୁ ଏଥିପାଇଁ କମ୍ପାନୀଗୁଡ଼ିକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ରାସ୍ତାରେ ପୋଲ ନିର୍ମାଣ ହେଉଥିଲେ ମଧ୍ୟ ରାସ୍ତା କାର୍ଯ୍ୟ ହେଉ ନ ଥିବାରୁ ଲୋକମାନେ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତା ଉପରେ ୧୦ରୁ ଉର୍ଦ୍ଧ୍ୱ ବଂଶାପାଳ, ସଦର, ଝୁମ୍ପୁରା, ଯୋଡ଼ା ଆଦି ବ୍ଲକ୍ର ଲୋକ ବ୍ୟବହାର କରିଥାନ୍ତି। ଏଣୁ ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି। ରାସ୍ତାଟି ବିଭିନ୍ନ ଦୃଷ୍ଟି କୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ରାସ୍ତାକୁ ଉଚ୍ଚମାନର କରାଗଲେ ସ୍ଥାନୀୟ ଲୋକେ ଉପକୃତ ହୋଇ ପାରିବେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପୂର୍ବତନ ଏମ୍‌ପି ମାଧବ ସର୍ଦ୍ଦାର କହିଛନ୍ତି, ଏ ନେଇ ସେ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାକୁ ସୁଦୃଢ଼ ଭାବେ ନିର୍ମାଣ ନ କଲେ ପୁଞ୍ଜିଭୂତ ଅସନ୍ତୋଷ ବୃଦ୍ଧି ସହ ଶିଳ୍ପାୟନ ପ୍ରତି ଲୋକଙ୍କ ବିମୁଖ ମନେଭାବ ସୃଷ୍ଟି କରିବ।

# ପାରମ୍ପରିକ ପୋଷାକ ପିନ୍ଧିଲେ ବ୍ଲକ୍ କର୍ମଚାରୀ

ବଉଳା,୩।୪(ଦୁର୍ଗା ପ୍ରସାଦ ଆୟଚ)



ବ୍ଲକ୍ କର୍ମଚାରୀମାନେ ପାରମ୍ପରିକ ପୋଷାକ ପରିଧାନ କରିଛନ୍ତି।

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ କାର୍ଯ୍ୟାଳୟରେ ଓଡ଼ିଆ ପକ୍ଷ ୨୦୨୬ରେ ବ୍ଲକ୍ କର୍ମଚାରୀମାନେ ପାରମ୍ପରିକ ପୋଷାକ ପରିଧାନ କରିଛନ୍ତି। ଏପ୍ରିଲ୍ ୧ରୁ ଓଡ଼ିଶା ଦିବସ ଆରମ୍ଭ ହୋଇ ଏପ୍ରିଲ ୧୪ ଓଡ଼ିଆ ନବ ବର୍ଷ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳିତ ହେବ। ଏହି କ୍ରମରେ ଏପ୍ରିଲ ୨ ଗୁରୁବାର ହାଟଡ଼ିହୀ ବ୍ଲକ୍ର ବିଡ଼ିଓ ରଞ୍ଜନ ପରିଡ଼ାଙ୍କ ନେତୃତ୍ୱରେ ବ୍ଲକ୍ କାର୍ଯ୍ୟ ନିର୍ବାହୀଯନ୍ତ୍ରୀ ମଦନ ମୋହନ ବେହେରା, ମୋନାଲିସା ନାୟକ, ଏବିଡିଓ ରଶ୍ମି ରେଖା ନାଇକ, ସହକାରୀ ଯନ୍ତ୍ରୀ ଆରତିବାଳା ଧଳ, ସହକାରୀ ଯନ୍ତ୍ରୀ ସହରାଇ ମିଞ୍ଜ, ପ୍ରଫୁଲ୍ଲ ବେହେରା, ସହକାରୀ ଯନ୍ତ୍ରୀ ରବିନ୍ଦ୍ର ନାଥ ସେରେନ୍, ଯନ୍ତ୍ରୀ କ୍ଷେତ୍ର ମୋହନ ମାରାଣ୍ଡି, ଯନ୍ତ୍ରୀ ପ୍ରେମାନନ୍ଦ ଚଇନି, ଯନ୍ତ୍ରୀ ଧିରେନ୍ଦ୍ର ମହାଳିକ, ପ୍ରଶାନ୍ତ ସେଠୀ, ପ୍ରତାପ ବୈଇଠା, ଭୈରେନ୍ଦ୍ର ତ୍ରିପାଠୀଙ୍କ ସମେତ ବ୍ଲକ୍ର ସମସ୍ତ ବିଭାଗର କର୍ମଚାରୀ ସ୍ୱଦେଶୀ ପାରମ୍ପରିକ ପୋଷାକ ପରିଧାନ କରିଥିଲେ।

# ମାଟ୍ରିକ୍ ମୂଲ୍ୟାୟନ କେନ୍ଦ୍ରରେ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଆନନ୍ଦପୁର ୩।୪
(ସୁଶାନ୍ତ କୁମାର ସାହୁ)

ଆନନ୍ଦପୁର ବିଏନ ହାଇସ୍କୁଲରେ ଚାଲିଥିବା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ମୂଲ୍ୟାୟନ କେନ୍ଦ୍ରରେ ଇଂରାଜୀ ୟୁନିଟ୍ ତରଫରୁ ବରିଷ୍ଠ ଶିକ୍ଷକ ସୁବୋଧ ଚନ୍ଦ୍ର ମହାନ୍ତିଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦାୟୀ ଶିକ୍ଷକ ଗୋବିନ୍ଦ ବାବା ଉଚ୍ଚ ବିଦ୍ୟାଳୟ, ଅତାସାହିର ଜଣେ କଳା ଶିକ୍ଷକ ଭାବେ କାର୍ଯ୍ୟ କରି ଆସନ୍ତା ଜୁନ ୩୦ରେ ଅବସର ଗ୍ରହଣ କରିବେ। ଏହା ତାଙ୍କ ଚାକିରୀର ଶେଷ କାର୍ଯ୍ୟ ଦିବସ। ସେ ଜଣେ ନ୍ୟୁ ଆଡେଡ୍ ସ୍କୁଲର ଶିକ୍ଷକ ହୋଇଥିବାରୁ ଅବସରକାଳୀନ ସୁବିଧା ଓ ପେନ୍‌ସନ୍‌ରୁ ବଞ୍ଚିତ ହୋଇ ଅବସର ନେଉଥିବାରୁ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ଉଦ୍‌ବେଗ ପ୍ରକାଶ କରିଥିଲେ। ୟୁନିଟ୍ ଚିଫ ମନ୍ଦାକିନୀ ବେହେରା ସଭାପତିତ୍ୱ କରିଥିବା ବେଳେ ଡେପୁଟି ଶରତ ଶାସିନୀ, ଦୁଷ୍ମନ୍ତ ଦଳେଇ, ସ୍କ୍ରୁଟିନାଇଜର ଶିବସୁନ୍ଦର ସାହ, ଚଗୁଲୁ ନାଇକ ଏବଂ ସହ ପରୀକ୍ଷକ ସର୍ବଶ୍ରୀ ରାଧାକୃଷ୍ଣ ପତି, ତ୍ରିଲୋଚନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ବିଷ୍ଣୁ ନାରାୟଣ ସାମଲ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶେଷରେ ସମ୍ବର୍ଦ୍ଧିତ ଶିକ୍ଷକଙ୍କୁ ୟୁନିଟ ତରଫରୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା।

# ଖଣିରେ ପଶିଲେ ୨୬ ଟିକିଆ ହାତୀପଲ

ଯୋଡ଼ା,୩।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ବଡ଼ବିଲ ରେଞ୍ଜ ବିଲେଇପଦା ସେକ୍ସନ ଏକ ଖଣିରେ ଗୁରୁବାର ରାତିରେ ୨୬ ଟିକିଆ ହାତୀପଲ ପଶିଥିଲେ। ବ୍ୟାପକ କ୍ଷୟକ୍ଷତି କରିବା ସହ ନିକଟସ୍ଥ ମୁଣ୍ଡା ଗାଁ ଭିତରକୁ ପଶି ଆତଙ୍କ ସୃଷ୍ଟି କରିଥିଲେ। ହାତୀପଲରେ ୧୨ଟି ମାଈ, ୬ଟି ଦନ୍ତା ଓ ୮ଟି ଛୁଆ ହାତୀ ଥିବା ସୂଚନା ମିଳିଛି। ହାତୀପଲ ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିବା ବେଳେ ବନ ବିଭାଗ ନଜର ରଖିଛି।

ସୂଚନାଯୋଗ୍ୟ, କମ୍ପାନୀ ବ୍ୟବହାର କଲେ ବନ ବିଭାଗ ଖଣିକୁ ଫରେଷ୍ଟ କଞ୍ଜରଭେଶନ ଆକ୍ଟ ଅନୁଯାୟୀ ବନ୍ଦ କରିଦେଉଛି। ହେଲେ ହାତୀ ଭଳି ବନ୍ୟପ୍ରାଣୀ ଖଣି ଭିତରେ ବାରମ୍ବାର ପ୍ରବେଶ କରୁଥିଲେ ମଧ୍ୟ ବିଭାଗ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ୨୬ ଟିକିଆ ହାତୀପଲ ପଶିଥିବା ଖଣିଟି ପ୍ରାୟ ୪୦୦ ହେକ୍ଟରରୁ ଅଧିକ ହୋଇଥିବା ବେଳେ ଅଧାରୁ ଅଧିକ ଅଞ୍ଚଳ ଜଙ୍ଗଲ ଜମିରୁ ଅଣ ଜଙ୍ଗଲ ଜମିରେ ରୂପାନ୍ତରିତ ହୋଇଛି। ଅନ୍ୟତ୍ର ନୂତନ ଜଙ୍ଗଲ ସୃଷ୍ଟିକରିବା ନିୟମ ଥିଲେ ହେଁ ଜଙ୍ଗଲର ବନ୍ୟପ୍ରାଣୀଙ୍କୁ ସ୍ଥାନାନ୍ତର କରିବା ବନ ସଂରକ୍ଷଣ ନୀତିରେ ନାହିଁ ବୋଲି ପରିବେଶବିତ୍ ଉଦୟ ଶଙ୍କର ଆଚାର୍ଯ୍ୟ କହିଛନ୍ତି। ଖଣିଟି ଓଡ଼ିଶା ରାଜ୍ୟରେ ଥିବା ବେଳେ ଅତି ନିକଟରେ ଝାଡ଼ଖଣ୍ଡ ରାଜ୍ୟର ସୀମା ରହିଛି। ଭୌଗୋଳିକ ଦୃଷ୍ଟିକୋଣରୁ ବୈତରଣୀ ସଂରକ୍ଷିତ ଜଙ୍ଗଲ ଏବଂ ସେରେଣ୍ଡା ସଂରକ୍ଷିତ ଜଙ୍ଗଲ ଖଣି ନିକଟବର୍ତ୍ତୀ ଅଞ୍ଚଳରେ ରହିଛି। ଏହା ପୂର୍ବରୁ ମଧ୍ୟ ଖଣ୍ଡବନ୍ଧ ଖଣିରେ ୧୭ଟି ହାତୀ ପଶିଯାଇଥିଲେ। ଖଣିରେ ଥିବା ବଡ଼ ମେଶିନର ଶବ୍ଦ, ଉଚ୍ଚ ଶକ୍ତିସମ୍ପନ୍ନ ବାରୁଦ ବିସ୍ଫୋରଣ ଓ ଆଲୋକ ହେତୁ ହାତୀପଲ ଇତସ୍ତତ ହେଉଛନ୍ତି। ଏ ସମ୍ପର୍କରେ କେନ୍ଦୁଝର ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ କହିଛନ୍ତି, ଖଣିରେ ହାତୀପଲ ପଶିବା ଖବର ପାଇବା ପରେ ସେ ଗତ ରାତିରୁ ମନିଟରିଂ କରୁଛନ୍ତି।

# ୫ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡିଏମ୍‌ଏଫ୍ ଅନୁଦାନ ବନ୍ଦ

ପାଟଣା,୩।୪(ବୀର କିଶୋର ଦାଶ)

## ୧୦ଲକ୍ଷରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବେ

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସମେତ ୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡିଏମ୍‌ଏଫ୍ ଫଣ୍ଡରୁ ଅନୁଦାନ ବନ୍ଦ ହୋଇଯାଇଛି। ଏ ନେଇ ଡିଏମ୍‌ଏଫ୍ ପକ୍ଷରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ଠିକାସଂସ୍ଥା ମଧ୍ୟ ଚିଠି ମାଧ୍ୟମରେ ସୂଚନା ପ୍ରଦାନ କରିଛି। ମାର୍ଚ୍ଚ ୩୧ରୁ ଖଣି ପ୍ରଭାବିତ ୨୫ କି.ମି. ଦୂରରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହାୟତାରୁ ବଞ୍ଚିତ ହେବେ ବୋଲି ଜଣାପଡ଼ିଛି। ତେଣୁ ଏନେଇ ପୁନର୍ବିଚାର କରିବାକୁ ଦାବି ହୋଇଛି।

ପ୍ରକାଶ ଯେ, ଜିଲା ଖଣିଜ ପାଣ୍ଠି ବିନିଯୋଗରେ ଜିଲାର ୧୭ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ନିଯୁକ୍ତି, ଡିଏମ୍‌ଏଫ୍ ଆମ୍ବୁଲାନ୍ସ ସେବା, ମେଡିକାଲ ସ୍ୱାସ୍ଥ୍ୟ ୟୁନିଟ୍, ଏଲ୍‌ଟି ଷ୍ଟାଫ୍, ନର୍ସ, ଟିକେଟ କାଉଣ୍ଟର ଷ୍ଟାଫ୍‌ଙ୍କ ନିଯୁକ୍ତି ହୋଇଥିଲା। ଡିଏମ୍‌ଏଫ୍ ଫଣ୍ଡରୁ ନିଯୁକ୍ତ କର୍ମଚାରୀ କେତେକାଂଶରେ କର୍ମଚାରୀ ଅଭାବ ପୂରଣ କରିବାରେ ସହାୟକ ହେବା ସହ ସ୍ୱାସ୍ଥ୍ୟସେବା ସୁଗମ ହୋଇଥିଲା। ମାର୍ଚ୍ଚ ୩୧ରୁ ମାଇନିଂ ପ୍ରଭାବିତ ୨୫ କି.ମି.ର ଭିତରେ ନ ଥିବା ଜିଲାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସହାରପଡ଼ାର ଉଦୟପୁର, ତେଲକୋଇ, କେଶଦୁରାପାଳ, ଭଗାମୁଣ୍ଡା ଭଳି ଆଦିବାସୀ ଓ ଅନଗ୍ରସର ଅଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ଅନୁଦାନ ଯୋଗାଣ ବନ୍ଦ ହୋଇଛି। ଫଳରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେବେ। ଏଥିସହ ୨ ଦିନ ହେବ ଡିଏମ୍‌ଏଫ୍ ଦ୍ୱାରା ନିଯୁକ୍ତ କର୍ମଚାରୀ କାର୍ଯ୍ୟ କରୁ ନ ଥିବାରୁ ରକ୍ତ ନମୁନା ପରୀକ୍ଷା, ରୋଗୀ ସେବା, ଓପିଡି, ଆଇପିଡି, ଡିସ୍‌ଚାର୍ଜ, ରେଫରେନ୍ସ ପ୍ରଭାବିତ ହୋଇଛି। ଏସବୁ ସେବା ଅନ୍‌ଲାଇନ ପରିବର୍ତ୍ତେ ଦକ୍ଷ ଓ ଯଥେଷ୍ଟ କର୍ମଚାରୀ ଅଭାବରୁ ଅଫ୍‌ଲାଇନରେ ହେଉଥିବାରୁ ବିଳମ୍ବ ହେଉଛି। ଫଳରେ ଉକ୍ତ ଅଞ୍ଚଳର ସ୍ୱାସ୍ଥ୍ୟସେବାରେ ସଙ୍କଟ ଦେଖାଦେଉଛି। ୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଶହେରୁ ଉର୍ଦ୍ଧ୍ୱ କର୍ମଚାରୀ ରୋଜଗାର ହରାଇଛନ୍ତି। ଏହି କ୍ରମରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୨ କର୍ମଚାରୀ ଚାକିରି ହରାଇଛନ୍ତି। ଏଥିସହ ଓଡ଼ିଶା ମିନିରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍‌ବିଏଡିସି)ର ମିଆଦୀ ସରିଯାଇଥିବାରୁ ଉକ୍ତ ହେତୁରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳୁଥିବା ସୁବିଧାରୁ ମଧ୍ୟ ଲୋକେ ବଞ୍ଚିତ ହେବା ସୁନିଶ୍ଚିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ନିର୍ବାଚିତ ଏମ୍‌ପି, ବିଧାୟକ, ଡିଏମ୍‌ଏଫ୍ ଫଣ୍ଡ ଅଧ୍ୟକ୍ଷ ଜିଲାପାଳ, ଡିଏମ୍‌ଏଫ୍ ଫଣ୍ଡ ସିଇଓ ପ୍ରମୁଖ ନିଷ୍ପତ୍ତିର ପୁନର୍ବିଚାରକରି ୫ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୂର୍ବପରି ସୁବିଧା ଯୋଗାଇଦେବାକୁ ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାଶ, କଂଗ୍ରେସ ଏମ୍‌ପି ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକ, ଡୁମୁରିଆ ସରପଞ୍ଚ ଗୌରହରି ନାଏକ, ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହ ଜନସାଧାରଣ ଦାବି କରିଛନ୍ତି। ଡିଏମ୍‌ଏଫ୍ ଅଧ୍ୟକ୍ଷ ତଥା ଜିଲାପାଳ ବିଶାଳ ସିଂହ କହିଛନ୍ତି, ନୂଆ ଗାଇଡ୍‌ଲାଇନ ଅନୁଯାୟୀ ଖଣି ପ୍ରଭାବିତ ଅଞ୍ଚଳରୁ ୨୫ କି.ମି. ବାହାରେ ଥିବା ୫ ଗୋଷ୍ଠୀ ସ୍ୱାସ୍ଥ୍ୟକୁ ଅନୁଦାନ ବନ୍ଦ କରାଯାଇଛି।

### ବିପୁଳ ପରିମାଣର ମଦ ଜବତ, ୪ ଗିରଫ

ଚମ୍ପୁଆ,୩।୪(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣରେ ମଦ ଜବତ କରିଛି। ୨୫ ଲିଟର ବିଦେଶୀ ଓ ୩୮ ଲିଟର ଦେଶୀ ମଦ ଜବତ ହୋଇଛି। ବେଆଇନ ନିଶା କାରବାର ଅଭିଯୋଗରେ ୪ ଜଣଙ୍କୁ ଗିରଫ ହୋଇଛନ୍ତି। ଦୁଇ ବାଇକ୍ ଜବତ କରାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି।

ପ୍ରକାଶ ଯେ, ଉପଖଣ୍ଡ ଅଧିକାରୀ ରଶ୍ମିରଞ୍ଜନ ସାହୁଙ୍କ ନିର୍ଦ୍ଦେଶକ୍ରମେ ଥାନା ଆଇଆଇସି ସ୍ୱରୂପ ରଞ୍ଜନ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସବ୍‌ଇନ୍ସପେକ୍ଟର ଭଜରାଜ ସାହୁ ସଦଳବଳେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ବିକ୍ରିପାଇଁ ଯାଉଥିବା ବିଦେଶୀ ମଦ ସହ ବଡ଼ନଇ ଗ୍ରାମରେ ବିକ୍ରି ପାଇଁ ଥିବା ବିଦେଶୀ ଓ ଦେଶୀ ମଦ ଟିମ୍ ଜବତ କରିଥିଲା। ଏହା ସହିତ ବିକ୍ରି ପାଇଁ ନେଉଥିବା ବେଳେ ୨ ବାଇକ୍‌କୁ ପୋଲିସ ଜବଦ କରିବା ସହ ଜଗେଶ୍ୱର ହାଇବୁରୁ, ଚୈତନ୍ୟ ଗୋପ, ରାଜେଶ ପ୍ରଧାନ ଓ ବାବୁଲୁ ଦିଗିକୁ ଗିରଫ କରିଥିଲା।

### ଶ୍ରମକୋଡ୍ ବାତିଲ ଦାବିରେ ଏଆଇଟିୟୁସିର ବିକ୍ଷୋଭ

ଚମ୍ପୁଆ,୩।୪(ମହେଶ୍ୱର ଦାସ)

ଶ୍ରମିକ ଶ୍ରେଣୀଙ୍କ ବିରୋଧ ସତ୍ତ୍ୱେ ଦେଶରେ ଗୁରୁବାର ଏପ୍ରିଲ ପହିଲାରୁ କେନ୍ଦ୍ର ସରକାର ୨୯ ଗୋଟି ଶ୍ରମ ଆଇନକୁ ସମାପ୍ତ କରି ଅଣାଯାଇଥିବା ୪ଟି ଶ୍ରମ କୋଡ ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଶ୍ରମିକ ବିରୋଧି ଓ କର୍ପୋରେଟର ସପକ୍ଷବାଦୀ ନିଷ୍ପତ୍ତି ବିରୋଧରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ଏଆଇଟିୟୁସି ଭଳି ଶ୍ରମିକ ସଂଗଠନ ଏହାର ପ୍ରତିବାଦରେ ଗୁରୁବାର ସମଗ୍ର ରାଜ୍ୟରେ ବିକ୍ଷୋଭ କରିଛି। ଏହି କ୍ରମରେ ଚମ୍ପୁଆ ଏନ୍‌ଏସିରେ ଏଆଇୟୁଟିସିର ଜିଲା ସଭାପତି ବିଦ୍ୟାଧର ମହାନ୍ତ ଓ ସମ୍ପାଦକ ଅର୍ଜ୍ଜୁନ ଚରଣ ମହାନ୍ତଙ୍କ ନେତୃତ୍ୱରେ କର୍ମୀ ପଡୁଆରରେ ସ୍ଥାନୀୟ ନେହେରୁ ଷ୍ଟାଡ଼ିୟମରୁ ବିଭିନ୍ନ ନାରା ଦେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପ୍ରତିବାଦ କରିଥିଲେ। ଏଥି ସହିତ ଏକ ଦାବିପତ୍ର ଉପଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଗିରିଶ ଚନ୍ଦ୍ର ନାଏକ, ଗୀତାରାଣୀ ପ୍ରଧାନ, କେଦାରନାଥ ନାଏକଙ୍କ ପରିଚାଳନାରେ ଅନେକ କର୍ମୀ ବିକ୍ଷୋଭରେ ସାମିଲ ହୋଇଥିଲେ।

### ଭବାନୀ ଶଙ୍କରଙ୍କ ଘରବାହୁଡ଼ା

ପାଟଣା,୩।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥୀ ଭବାନୀ ଶଙ୍କର ନାୟକଙ୍କ ଘର ବାହୁଡ଼ା ହୋଇଛି। ୨୦୨୨ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡିରେ ଯୋଗ ଦେଇଥିବା ବେଳେ ୩ ବର୍ଷ ପରେ ପୁଣି ଭାଜପାରେ ଯୋଗଦେଇଛନ୍ତି। ଭୁବନେଶ୍ୱର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଭବାନୀଙ୍କ ଭାଜପାକୁ ଫେରିବା ପରେ ପାଟଣା ନିର୍ବାଚନ ମଣ୍ଡଳୀ ରାଜନୀତି ସମୀକରଣ ବଦଳିଛି। ସେ ମୁଖ୍ୟମନ୍ତ୍ରୀଙ୍କ ଜଣେ ଅନୁଗତ ହୋଇଥିବାରୁ ଅନେକ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ଝୁମ୍ପୁରା ବ୍ଲକ୍ ଗଣ୍ଡ ବରେଇର ହୋଇଥିବା ବେଳେ ଜଣେ ଆଦିବାସୀ ନେତା ଭାବେ ରାଜନୀତି ଆରମ୍ଭ କରିଥିଲେ। ୨୦୦୨ରେ ଭାଜପା ଟିକେଟରୁ ଉଖୁଣ୍ଡା ଜିଲା ପରିଷଦ ସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ପରେ ୨୦୦୭ ସମିତି ସଭ୍ୟଭାବେ ବିଜୟୀ ହୋଇଥିଲେ। ୨୦୧୪ ଓ ୨୦୧୯ରେ ଭାଜପା ଟିକେଟ୍‌ରୁ ବିଧାୟକ ପ୍ରାର୍ଥୀଭାବେ ଲଢ଼ି ପରଜୟ ବରଣ କରିଥିଲେ। ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ସେ ଦଳକୁ ଫେରିଥିବା କହିଛନ୍ତି।

### ମରଶରୀର ସତ୍କାର ବେଳେ ନିଆଁ ଲାଗି ଯୁବକ ଗୁରୁତର

କେନ୍ଦୁଝର,୩।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ୍ ରୁକୁଣାପୁର ଗ୍ରାମରେ ଏକ ମୃତଦେହ ଦାହ ସମୟରେ ଅଘଟଣ ଘଟିଛି। ଅସାବଧାନତା ଯୋଗୁ ଜୁଇ ଉପରେ ଡିଜେଲ ଢାଳୁଥିବା ସମୟରେ ନିଆଁ ଲାଗି ଯୁବକ ଗୁରୁତର ହୋଇଛନ୍ତି। ଯୁବକ ହେଲେ ଗ୍ରାମର ସନାତନ ସେଠୀ(୪୫)। ତାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ପଠାଯାଇଛି।

ସୂଚନା ଅନୁଯାୟୀ, ପଦ୍ମପୁର ପଞ୍ଚାୟତ ପରୁଲିଆ ଗ୍ରାମର ସୌମ୍ୟ ଦର୍ଶନ ବେହେରା(୨୯) ଅସୁସ୍ଥ ହୋଇ କେନ୍ଦୁଝର ମା' ତାରିଣୀ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଥିଲା। ପୁରୁଲିଆ ଶ୍ମଶାନରେ ମୃତଦେହ ସତ୍କାର କରାଯାଉଥିଲା। ସତ୍କାର କାମରେ ନିୟୋଜିତ ସନାତନ ଜୁଇ ଉପରେ ଡିଜେଲ ଢାଳୁଥିଲେ। ଏହି ସମୟରେ ନିଆଁ ତାଙ୍କ ଦେହରେ ଲାଗି ଯାଇଥିଲା। ଉପସ୍ଥିତ ଲୋକେ ତାଙ୍କୁ ପ୍ରଥମେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ଶରୀରର ୪୦ ପ୍ରତିଶତ ପୋଡ଼ି ଯାଇଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି।

### ଓଡ଼ିଆ ପକ୍ଷକୁ ନେଇ ଆଲୋଚନାଚକ୍ର



ଆଲୋଚନାରେ ଭାଗ ନେଇଥିବା ଅତିଥି ଓ ହିନ୍ଦୁ ଜାଗୃତି ମଞ୍ଚର ସଦସ୍ୟ।

କେନ୍ଦୁଝର,୩।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

ହିନ୍ଦୁ ଜାଗୃତି ମଞ୍ଚ ଓ ନୀଳଚକ୍ର ଆନୁକୂଲ୍ୟରେ ଓଡ଼ିଶା ଦିବସ ଓଡ଼ିଆ ପକ୍ଷକୁ ନେଇ ଏକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଛି। ବରିଷ୍ଠ ଅଧିବକ୍ତା ଅଜୟ ମାଝୀଙ୍କ ସଭାପତିତ୍ୱରେ ସର୍ବ ପ୍ରଥମେ ଉତ୍କଳ ସଙ୍ଗୀତ ଗାନ କରାଯାଇଥିଲା। ମୁଖ୍ୟ ବକ୍ତା ଅଖିଳ ଭାରତୀୟ ସାହିତ୍ୟ ପରିଷଦର ପତ୍ରିକା ଦିଗ ଓ ଦିଗନ୍ତର ସମ୍ପାଦକ ଅଭିନାଶ ଦାସ ଓଡ଼ିଆ ପକ୍ଷର ମହତ୍ତ୍ୱ ଓ ଓଡ଼ିଶାର ପୂର୍ବ ଗୌରବ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଓ ଏହାର ପୂର୍ବ ପୁରୁଷ ବିଭିନ୍ନ କଳା ଦକ୍ଷ ସାହସୀଥିଲେ, ଆମେ ତାଙ୍କୁ ଖାଲି ମନେ ପକାଇଲେ ହେବ ନାହିଁ, ଆମ ରାଜା, ମହାରାଜା, ମହାପୁରୁଷଙ୍କୁ ଲୋକଲୋଚନକୁ ଆଣି ବିଶ୍ୱ ଦରବାରରେ ପରିଚିତ କରାଇବାକୁ ଆଲୋଚନା କରିଥିଲେ। ହିନ୍ଦୁ ଜାଗୃତି ମଞ୍ଚର ରାଜ୍ୟ ଉପଦେଷ୍ଟା ଦେବରାଜ ଆଚାର୍ଯ୍ୟ ବିଚ୍ଛିନ୍ନ ଅଞ୍ଚଳରେ କିପରି ଆମ ଓଡ଼ିଆ ଭାଷାର ବିକାଶ ହେବ ଓ ପାଠ୍ୟ ପୁସ୍ତକ ପହଞ୍ଚି ପାରିବ, ଓଡ଼ିଶାର ମହାପୁରୁଷଙ୍କ ଜୀବନୀ ଆମ ପର ପିଢ଼ି ଜାଣି ପାରିବେ ସେ ନେଇ ପରିପ୍ରକାଶ କରିଥିଲେ। ଆଲୋଚନାଚକ୍ରରେ ଜିଲା ସହ ସଂଯୋଜକ ନିରଞ୍ଜନ ପଲେଇ, ପ୍ରଣବ ବେହେରା, ନୂତନ ଘଣା ଉତ୍କଳ ଦିବସ ମହତ୍ତ୍ୱ ଓ ଭାଷା ସଂସ୍କୃତି ଉପରେ ବିଷୟ ବସ୍ତୁ ରଖିଥିଲେ। ହିନ୍ଦୁ ଜାଗୃତି ମଞ୍ଚର ମିଳନ ନାଏକ, ଦେବାଶିଷ ଗିରି, ସଞ୍ଜୟ ଆପଟ, ପ୍ରମୋଦ ରାମ, ଅଂଶୁମାନ ପ୍ରଧାନ, ଲାବଲେନ୍ଦୁ ମହାନ୍ତ ଆଲୋଚନାଚକ୍ରକୁ ସୂଚାରୁ ରୂପେ ପରିଚାଳନା କରିଥିଲେ।

### ୨୨ଦିନ ହେବ ବୃଦ୍ଧା ନିଖୋଜ

ପାଟଣା,୩।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଉପାନ୍ତ ଅଞ୍ଚଳ ବନ ବୀରର ଜଣେ ୬୨ବର୍ଷୀୟା ବୃଦ୍ଧା ଗତ ମାର୍ଚ୍ଚ ୧୨ତାରିଖରୁ ନିଖୋଜ ଅଛନ୍ତି। ନିଖୋଜ ବୃଦ୍ଧା ଗ୍ରାମର ସାଲଗେମ ମାଝି। ଏ ନେଇ ତାଙ୍କ ଝିଅ ଗୁମି ପାଟଣା ଥାନରେ ଅଭିଯୋଗ ହୋଇଛି। ପୋଲିସ ମାମଲା(ନଂ.୧୨/୨୬)ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ କହିଛନ୍ତି।

15001/4/2627



ଅମର ଶହୀଦ ରଘୁ - ଦିବାକରଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଅପ୍ରେଲ, ୨୦୨୬

ସକାଳ ୮.୩୦ ମିନିଟ୍ :-
ଭୁବନେଶ୍ୱର ୟୁନିଟ୍ ୯, ରୋଡ଼ ନମ୍ବର – ୩ ସ୍ଥିତ
ଶହୀଦ ରଘୁ–ଦିବାକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ
ମାନ୍ୟବର ବିଧାୟକ, ଖୋର୍ଦ୍ଧା

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ସ୍ୱାଇଁ
ମାନ୍ୟବର ବିଧାୟକ, ଖଣ୍ଡପଡ଼ା

ଅତିଥି ବକ୍ତା
ଶ୍ରୀଯୁକ୍ତ ନାରାୟଣ ମହାପାତ୍ର
ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଅଧ୍ୟକ୍ଷ, ଜିଲ୍ଲା ଖାଉଟି ଆୟୁକ୍ତ, ନୟାଗଡ଼

ମୁଖ୍ୟବକ୍ତା
ଶ୍ରୀଯୁକ୍ତ ଯାମିନୀକାନ୍ତ ନାୟକ, ବିଶିଷ୍ଟ ଶିକ୍ଷାବିତ୍

ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁ–ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

OIPR-15001/15001/2/26-27/0004

# ଅସ୍ତିତ୍ୱ ହରାଇବାକୁ ବସିଛି 'ଯୋର ନାଳ'

ଧାମନଗର,୩।୪(ଦେବେନ୍ଦ୍ର ଆଦ୍ଦିଆ)

ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତରେ ଥିବା ପୁରାତନ ପ୍ରାକୃତିକ 'ଯୋର ନାଳ' ଅସ୍ତିତ୍ୱ ହରାଇବାକୁ ବସିଛି। ଏହି ନାଳ ସ୍ଥାନୀୟ ଅଞ୍ଚଳ ପାଇଁ କୃଷି ଓ ଜଳସେଚନର ମୁଖ୍ୟ ମାଧ୍ୟମ ହୋଇଥିବା ବେଳେ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଅନାବନା ଘାସ ଲତା, ଦଳ ମାଡ଼ିଯାଇଛି। ନାଳଟି ପୋତି ହୋଇଯିବା ଫଳରେ ପଡ଼ିଆର ଭ୍ରମ ସୃଷ୍ଟି କରୁଛି।

ଆନନ୍ଦପୁର ପଞ୍ଚାୟତରେ ପ୍ରବାହିତ ଏହି ନାଳଟି ପ୍ରାୟ ୨ କିଲୋମିଟର ରହିଛି। ପୂର୍ବରୁ ବୈତରଣୀ ନଦୀରେ ବନ୍ୟା ଆସିଲେ ଆନନ୍ଦପୁର ବାଳିଆପିଟା ଦେଇ ବନ୍ୟାପାଣି ବାହାରି ଯୋର ନାଳରେ ପ୍ରବାହିତ ହୋଇ ସଫା ହୋଇଯାଇଥାଏ। ବାଳିଆପିଟାଠାରେ ବୈତରଣୀ ନଦୀବନ୍ଧରେ ଏକ ରିଙ୍ଗ୍ ବନ୍ଧ ନିର୍ମାଣ କରାଯିବା ଦ୍ୱାରା ଆଉ ବନ୍ୟାପାଣି ଆସୁନାହିଁ। ଏହି ଯୋର ନାଳ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ନାଳଟିର ପୁନରୁଦ୍ଧାର ନ ହେବାରୁ ଅନାବନା ଘାସ ଲତା, ଦଳ ମାଡ଼ିଯିବା ସହ ପଙ୍କୋଦ୍ଧାର ହୋଇପାରୁ ନାହିଁ, ଫଳରେ ଜଳଧାରଣ କ୍ଷମତା ହ୍ରାସ ପାଉଛି। ତୃଷାର୍ତ୍ତ ଗୋରୁ ପାଣି ମୁନ୍ଦାଏ ପିଇବା ପାଇଁ ନାଳକୁ ଯାଇ ଛନ୍ଦିହୋଇ ଅକାଳରେ ମୃତ୍ୟୁମୁଖରେ ପଡୁଛନ୍ତି। ସେହିପରି ନାଳରେ ପାଣି ନ ରହିବା ଯୋଗୁ ଆଖପାଖ ଅଞ୍ଚଳର କୂଅ ଓ ନଳକୂପ ଶୁଖିଗଲାଣି। ଫଳରେ ପାଣି ପାଇଁ ଲୋକଙ୍କୁ ହଇରାଣ ହେବାକୁ ପଡୁଛି। ଏହି ନାଳ ଉପରେ ନିର୍ଭର କରୁଥିବା ଶତାଧିକ ଏକର ଚାଷଜମି ପାଣି ନ ପାଇ ଚାଷ ମଧ୍ୟ ହୋଇପାରୁ ନାହିଁ। ପ୍ରଶାସନ କିମ୍ବା ପଞ୍ଚାୟତ ପକ୍ଷରୁ ଏହି ନାଳର ପୁନରୁଦ୍ଧାର ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବାଲିପାଟଣା ଗ୍ରାମବାସୀ ପ୍ରମୋଦ ବେହେରା କହନ୍ତି, ପଞ୍ଚାୟତର ଏହି ଯୋର ନାଳ ସେମାନଙ୍କ ପାଇଁ ବରଦାନ ସଦୃଶ ଥିଲା। ଛୁଆ ବେଳେ ନାଳ ଶୁଖେ ନାହିଁ। ଲୋକେ ଗାଧୁଆଠାରୁ ଆରମ୍ଭ କରି ପାଣି ନେଇ ଅନ୍ୟାନ୍ୟ ବ୍ୟବହାର କରିଥାନ୍ତି। କିନ୍ତୁ ଏବେ ଏହା ଅବହେଳିତ। ଯୋର ନାଳ ସଫା ହେଲେ ଅଞ୍ଚଳର ଭୂତଳ ଜଳସ୍ତର ବଢ଼ିବ। ସ୍ଥାନୀୟ ଚାଷୀମାନେ ପୁଣିଥରେ ଜଳସେଚନ ସୁବିଧା ପାଇପାରିବେ। ସରକାର ଏହାର ଖନନ କାର୍ଯ୍ୟ କଲେ ଚାଷୀଙ୍କ ସମେତ ଜନସାଧାରଣ ଓ ଗୋରୁ ଉପକୃତ ହୋଇପାରନ୍ତେ। ଏ ସମ୍ପର୍କରେ ବିଡିଓ ବନବିହାରୀ ଦିଣ୍ଡା କହିଛନ୍ତି, ଏମିତି କିଛି ନାଳ ତାଙ୍କ ନଜରକୁ ଆସିନାହିଁ। ପଞ୍ଚାୟତ ଆକ୍ସନ ପ୍ଲାନରେ ରଖିଲେ ସଫା ହୋଇପାରନ୍ତା। ସରପଞ୍ଚ ଏନେଇ କିଛି ପ୍ରସ୍ତାବ ଦେଇନାହାନ୍ତି ବୋଲି ସେ କହିଛନ୍ତି। ଧାମନଗର ଜଳ ସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ସ୍ୱାଗତ ଦାସ କହିଛନ୍ତି, ଏହି ବିଭାଗ ଅଧୀନରେ ସେମିତି କିଛି ଯୋର ନାଳ ନାହିଁ। ସେହି ଯୋର ନାଳ ଡ୍ରେନେଜ ବିଭାଗ ଅଧୀନରେ ହୋଇଥାଇପାରେ। ତେବେ ଏହି ଯୋର ନାଳ କାହା ଅଧୀନରେ ଯାଉଛି, ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଓ ଭଦ୍ରକ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।



ଆନନ୍ଦପୁର ପଞ୍ଚାୟତରେ ପୋତିହୋଇ ପଡ଼ିଆ ଭଳି ଦେଖାଯାଉଥିବା ଯୋର ନାଳ।

# ଏବିଭିପିର ଜିଲାସ୍ତରୀୟ ସମୀକ୍ଷା ଓ ଯୋଜନା ବୈଠକ

ଭଦ୍ରକ,୩।୪(ସନାତନ ରାଉତ)

ଏବିଭିପି (ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ)ର ଭଦ୍ରକ ଶାଖା ପକ୍ଷରୁ ଶୁକ୍ରବାର ମଧ୍ୟାହ୍ନରେ ଗାନ୍ଧୀପଡ଼ିଆସ୍ଥିତ ସୀତାରାମ କଲ୍ୟାଣ ମଣ୍ଡପ ପରିସରରେ ଆଗାମୀ ଶିକ୍ଷାବର୍ଷ ପାଇଁ ଜିଲାସ୍ତରୀୟ ସମୀକ୍ଷା ଓ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷର ବିଭିନ୍ନ ସାଙ୍ଗଠନିକ ଓ ସାମାଜିକ କାର୍ଯ୍ୟର ସମୀକ୍ଷା ଏବଂ ଆଗାମୀ ୧ ବର୍ଷ ପାଇଁ ଯୋଜନା ହୋଇଥିଲା। ସଙ୍ଗଠନର ସଦସ୍ୟତା, କ୍ୟାମ୍ପସ ଓ ନଗର ଶାଖା ଗଠନ, ୬ଟି ସାଙ୍ଗଠନିକ ରାଷ୍ଟ୍ରୀୟ ଦିବସ ପାଳନ, ଶିକ୍ଷା ଓ ସାମାଜିକ ସ୍ଥିତିକୁ ନେଇ ଆନ୍ଦୋଳନ, ଛାତ୍ର ସଂସଦ ନିର୍ବାଚନ, ରକ୍ତଦାନ, ଚାରାରୋପଣ, ସ୍ୱଚ୍ଛ ଭାରତ, ରୋଗୀଙ୍କୁ ଫଳ ବଣ୍ଟନ, ଜଳଛତ୍ର ଆଦି ସାମାଜିକ ସେବା କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଏବିଭିପିର ବାଲେଶ୍ୱର ବିଭାଗ ପ୍ରମୁଖ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ବେହେରା, ବିଭାଗ ସଙ୍ଗଠନ ସମ୍ପାଦକ ସମ୍ବିତ ପ୍ରସାଦ ରାଉତ, ଭଦ୍ରକ ଜିଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ଜିଲା ସହ ପ୍ରମୁଖ ଡ. ବସନ୍ତ କୁମାର ଦୀକ୍ଷିତ, ଜ୍ୟୋତି ପ୍ରକାଶ ସାହୁ, ଜିଲା ସଂଯୋଜକ ଓଁକାର ମହାନ୍ତି, ସହସଂଯୋଜିକା ପୂଜାରାଣୀ ମଲ୍ଲିକ, ପ୍ରାନ୍ତ ସୋସିଆଲ ମିଡିଆ ସହସଂଯୋଜକ ଦେବୀପ୍ରସାଦ ଦାସ, ପ୍ରାନ୍ତ ଖେଲୋ ଭାରତ ସହସଂଯୋଜକ ଆୟୁଷ ପାଣିଗ୍ରାହୀ, ପ୍ରାନ୍ତ ଫାର୍ମା ଭିଜନ ସହସଂଯୋଜକ ସତ୍ୟବ୍ରତ ପଣ୍ଡା, ରାଷ୍ଟ୍ରୀୟ କଳା ମଞ୍ଚ ପ୍ରାନ୍ତ ସହସଂଯୋଜିକା ଗୌତମୀ ପ୍ରିୟଦର୍ଶିନୀ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହିମାଂଶୁ ମହାରଣା, ଗୋପୀକ୍ରିଷ୍ଣା ବାରିକ, ପୁଷ୍ପାଞ୍ଜଳି ଘଡ଼େଇ, ପ୍ରାନ୍ତ ଏସ୍ଏଫ୍ଡି ସହସଂଯୋଜକ ଗୌରାଙ୍ଗ ବଳ, ବିଭାଗ ଏସ୍ଏଫ୍ଡି ସଂଯୋଜିକା ମାଧୁରୀ ରାଉତ, ବାସୁଦେବପୁର ନଗର ସଭାପତି ପୁରୁଷୋତ୍ତମ ବେହେରା, ଭଦ୍ରକ ନଗର ସମ୍ପାଦକ କାହ୍ନା ଜେନା, ଧାମନଗର ନଗର ସମ୍ପାଦକ ସାରଥୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ଜୀବନ ଗଲା

ଅସୁରାଳି,୩।୪(ସନ୍ତୋଷ ସାହୁ): ଧାମନଗର ବ୍ଲକ କୋଠାର ପଞ୍ଚାୟତର ନସଲାପୁର ଗ୍ରାମରେ ଶୁକ୍ରବାର ମଧ୍ୟାହ୍ନରେ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୃସିଂହ ଚରଣ ପୃଷ୍ଟି। ସୂଚନା ଅନୁଯାୟୀ, ସେ ନସଲାପୁର କ୍ଲବ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ବୁଡ଼ି ଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ପୋଖରୀ ନିକଟରେ ଖୋଜାଖୋଜି କରି ମଧ୍ୟ ତାଙ୍କୁ ପାଇ ନ ଥିଲେ। ପରେ ଦମକଳ ବାହିନୀ ପହଞ୍ଚି ପୋଖରୀରୁ ତାଙ୍କୁ ଉଦ୍ଧାର କରିଥିଲା। କୋଠାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୃସିଂହଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ

ଧାମନଗର, ୩।୪ (ଦେବେନ୍ଦ୍ର ଆଦ୍ଦିଆ/ ଦୀନକୃଷ୍ଣ ମହାପାତ୍ର): ଧାମନଗର ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ ଶୁକ୍ରବାର ଧାମନଗର କୋର୍ଟ ପରିସରରେ ଥିବା ବାର୍ ଆସୋସିଏଶନ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଆଇନଜୀବୀ ଅମରେନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ଆଇନଜୀବୀ ନିରାକାର ଜେନା ଉପସ୍ଥିତ ରହି ନବନିର୍ବାଚିତ ସଭାପତି ଅଶୋକ କୁମାର ଦାସ, ସାଧାରଣ ସମ୍ପାଦକ ରଣଜିତ ମହାନ୍ତି, କୋଷାଧ୍ୟକ୍ଷ ପର୍ଶୁରାମ ମହାପାତ୍ର, ଉପସଭାପତି ବିଜୟ କୁମାର ରାମ, ସହସମ୍ପାଦିକା ମିନତି ମଲ୍ଲିକ, କାର୍ଯ୍ୟକାରୀ ସଦସ୍ୟ ମନୋଜ କୁମାର ଗୁପ୍ତା ଓ ବିକ୍ରମ ପଣ୍ଡାଙ୍କ ସମେତ କର୍ମକର୍ତ୍ତାମାନଙ୍କୁ ଶପଥପାଠ କରାଇଥିଲେ। ଧାମନଗର ଓକିଲ ସଂଘର ଏକତା ଓ ଗରିମା ବଜାୟ ରଖିବା ଉପରେ ପ୍ରାଥମିକତା ଦିଆଯିବ ବୋଲି ନୂତନ ସଭାପତି ଓ ସମ୍ପାଦକ କହିଥିଲେ। ଧାମନଗର କୋର୍ଟ ପରିସରରେ ବରିଷ୍ଠ ଦେୱାନୀ ଅଦାଲତ ଖୋଲିବା ପାଇଁ ସରକାର ଘୋଷଣା କରିସାରିଥିବା ବେଳେ ଏଠାରେ ଅତିରିକ୍ତ ଜିଲା ଦୌରାଜକ୍ କୋର୍ଟ ଖୋଲିବାକୁ ପ୍ରୟାସ ଜାରି ରହିବ ବୋଲି ସଭାପତି ଦାସ କହିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ହାଇକୋର୍ଟ ଆଇନଜୀବୀ ଦେବାଶିଷ ସାମଲ, ରାମଚନ୍ଦ୍ର ରାଉତ ଏବଂ ପୂର୍ବତନ ସାଧାରଣ ସମ୍ପାଦକ ଅମରେନ୍ଦ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସ୍କୁଲର ବାର୍ଷିକ ଉତ୍ସବ

ଚାନ୍ଦବାଲି,୩।୪(କିଷାନ ପାତ୍ର): ଚାନ୍ଦବାଲି ବ୍ଲକର ସୋଫିଆ ଇଂଲିଶ ମିଡିୟମ୍ ସ୍କୁଲର ୨୨ତମ ବାର୍ଷିକ ଉତ୍ସବ ଗୁରୁବାର କାଳୀପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଚେୟାରମ୍ୟାନ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ, ଅନ୍ୟତମ ଅତିଥି ଭାବେ ବିଡିଓ ସଞ୍ଜୀବ କୁମାର ମହାପାତ୍ର ଓ ଅଧ୍ୟକ୍ଷ ଦାଶରଥି ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲାପାଳଙ୍କ ଦ୍ୱାରା ସ୍କୁଲର ବାର୍ଷିକ ପତ୍ରିକା 'ଡେଜିନିଙ୍ଗ ଷ୍ଟାର୍' ଉନ୍ମୋଚନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଭାଗୀରଥି ସେଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ୬ ବର୍ଷ ବିତିଗଲା ଲୁଣାବନ୍ଧ କାର୍ଯ୍ୟ ଅଧାପନ୍ତରିଆ

■୩ ସ୍ଥାନରେ ଲୋକେ ବାନ୍ଧୁଛନ୍ତି ବନ୍ଧ

■ଅର୍ଥ ହଡ଼ପ ନେଇ ଭିଜିଲାନ୍ସ ତଦନ୍ତ ଦାବି ଉଠାଇଲେଣି ଚାଷୀ

ଧୂଷୁରୀ,୩।୪(ଦୀପ୍ତିରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକର ତିନିତର ଘାଟଠାରୁ ନାନ୍ଦପୁର ପର୍ଯ୍ୟନ୍ତ ସାଳନ୍ଦୀ ଓ ଏହାର ଶାଖାନଦୀ ଗେଙ୍ଗୁଟି ନଦୀ କୂଳେ କୂଳେ ୨୦୧୯ରେ ଆରମ୍ଭ ହୋଇଥିବା ଲୁଣାବନ୍ଧର ନିର୍ମାଣ କାର୍ଯ୍ୟକୁ ୬ ବର୍ଷ ବିତିଯାଇଥିଲେ ମଧ୍ୟ ଅଧାପନ୍ତରିଆ ହୋଇ ରହିଛି। ଏହାକୁ ନେଇ ସ୍ଥାନୀୟ ନାନ୍ଦପୁର, ବାଙ୍କମୁହାଁ, ପାଲଟପୁର, ଭୂଇଁପୁର ଆଦି ଗାଁର ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଲୁଣାବନ୍ଧ କାର୍ଯ୍ୟରେ କୋଟି କୋଟି ଟଙ୍କା ଆତ୍ମସାତ୍ ହୋଇଥିବା ଚାଷୀମାନେ ଅଭିଯୋଗ ଆଣିବା ସହ ଏନେଇ ତଦନ୍ତ ପାଇଁ ଦାବି ଉଠାଇଛନ୍ତି।

ଖରାଦିନେ ୨ ନଦୀର ଜଳ ଲୁଣା ହୋଇଯାଉଥିବାରୁ ଲୁଣାବନ୍ଧ ନିର୍ମାଣ ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ୨୦୦୩ରେ ପ୍ରଥମେ ତତ୍କାଳୀନ ସରକାର ନଦୀବନ୍ଧର ମୂଳଦୁଆ ପକାଇଥିଲେ। ୨୦୧୯ରେ ପୁନଶ୍ଚ ଏହି ବନ୍ଧ ସୁଦୃଢ଼ୀକରଣ ନେଇ ଅର୍ଥ ଯୋଗାଇ ଦିଆଯାଇଥିଲା। ତଦନୁଯାୟୀ ବନ୍ଧରେ ୪ଟି ସ୍ଥାନରେ ସ୍ଲୁଇସ୍ ଗେଟ୍ ନିର୍ମାଣ କରାଯିବ ବୋଲି ସ୍ଥିର ହୋଇଥିଲା। କେବଳ ଗୋଟିଏ ସ୍ଥାନରେ ନାନ୍ଦପୁର ପାଖରେ ସ୍ଲୁଇସ୍ ଗେଟ୍ ନିର୍ମାଣ କରାଯାଇଛି। ଅନ୍ୟ ୩ଟି ସ୍ଥାନରେ ଜେସିବିରେ ବନ୍ଧ ତାଡ଼ି କାମ ସମାପ୍ତ କରିଛନ୍ତି। ସେହି ବାଟ ଦେଇ ନଦୀର ଲୁଣାପାଣି ଚାଷୀଙ୍କ ଜମିକୁ ପ୍ରବେଶ କରି ଫସଲ ନଷ୍ଟ କରିଥାଏ। ଚାଷୀମାନେ ବାଧ୍ୟହୋଇ ୩ଟି ସ୍ଥାନରେ ନିଜେ ନିଜେ ୨୦୨୧ରୁ କଷ୍ଟ କରି ବନ୍ଧ ବାନ୍ଧି ଲୁଣାପାଣି ଅଟକାଉଛନ୍ତି। ଅପରପକ୍ଷେ ବିନା ଫଳକରେ ଲୁଣାବନ୍ଧ ନିର୍ମାଣ କାର୍ଯ୍ୟ ହୋଇଛି। ଲୁଣାବନ୍ଧ ନିର୍ମାଣ କରି ବିଭାଗୀୟ ଅଧିକାରୀ ଓ ଠିକାଦାର ଅର୍ଥ ହଡ଼ପ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ପ୍ରାୟ ୧୦ କି.ମି.ରୁ ଅଧିକ ଏହି ନଦୀବନ୍ଧରେ ମାଟି ପକାଇ ସ୍ଥାନେ ସ୍ଥାନେ ମୋରମ ବୁଣି ଚାଷୀଙ୍କ ସ୍ୱପ୍ନକୁ ଧୂଳିସାତ୍ କରାଯାଇଛି ବୋଲି କହି ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଶତାଧିକ ଚାଷୀ ଆସନ୍ତା ସପ୍ତାହରେ ଏ ବିଷୟରେ ଜିଲାପାଳଙ୍କୁ ଅବଗତ କରିବା ସହ ଲୁଣାବନ୍ଧ ନିର୍ମାଣରେ କୋଟି କୋଟି ଟଙ୍କା ହଡ଼ପ ହୋଇଥିବା ନେଇ ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ଜଳସେଚନ ବିଭାଗ ଜେଇ ବିମଳ କୁମାର ବେହେରାଙ୍କୁ ପଚାରିବାରୁ ସେ ଏ ବିଷୟରେ ଜାଣି ନ ଥିବା କହିଛନ୍ତି।



ନାନ୍ଦପୁର ଓ ଭୂଇଁପୁର ମଧ୍ୟବର୍ତ୍ତୀ ସ୍ଥାନରେ ସ୍ଲୁଇସ୍ ଗେଟ୍ ପାଇଁ ବନ୍ଧ ତାଡ଼ିଥିବା ଜାଗାରେ ଚାଷୀ ବନ୍ଧ ବାନ୍ଧିଛନ୍ତି।

# 'ନୈତିକତା, ମାନବୀୟ ମୂଲ୍ୟବୋଧ ଶିକ୍ଷାଲାଭ କରନ୍ତୁ ଛାତ୍ରୀଛାତ୍ର'

ବାସୁଦେବପୁର,୩।୪(କାଳିପଦ ରାୟ): ବାସୁଦେବପୁର ବ୍ଲକ ନାୟକାଣିଡିହିସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ, ମୁଖ୍ୟବକ୍ତା ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅନ୍ୟତମ ଅତିଥି ଭାବେ ବାସୁଦେବପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସମ୍ପାଦକ ସୁକାନ୍ତ କୁମାର ବାରିକ, ପୂର୍ବତନ ସିଆର୍‌ସିସି ବିକାଶ କୁମାର କାଠ, କରଞ୍ଜଆଡ଼ିଆ ସରପଞ୍ଚ ମାର୍କଣ୍ଡ ତରାଇ, ପ୍ରଧାନଆଚାର୍ଯ୍ୟା ମମତା ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ଶିକ୍ଷା ସହ ନୈତିକତା ଓ ମାନବୀୟ ମୂଲ୍ୟବୋଧ ଶିକ୍ଷାଲାଭ କରନ୍ତୁ ବୋଲି ଅତିଥିମାନେ କହିଥିଲେ। ଶିକ୍ଷାବିତ୍ ଗଦାଧର ସାହୁ ଏଥିରେ ସଭାପତିତ୍ୱ କରିଥିବା ବେଳେ ଶିକ୍ଷୟିତ୍ରୀ ମନୋରମା ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ମନୋଜ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ବର୍ଗରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ମା' ଅନ୍ନପୂର୍ଣ୍ଣା ପୂଜା ଉଦ୍‌ଯାପିତ

ଅସୁରାଳି,୩।୪(ସନ୍ତୋଷ ସାହୁ): ଧାମନଗର ବ୍ଲକ କୋଠାର ଅନ୍ନପୂର୍ଣ୍ଣା ନଗରରେ ଗତ ମାର୍ଚ୍ଚ ୨୫ ତାରିଖରୁ ଚାଲିଥିବା ମା' ଅନ୍ନପୂର୍ଣ୍ଣାଙ୍କ ପୂଜା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସହ ସୁନ୍ଦର ସାଜସଜ୍ଜା ବେଶ୍ ଆକର୍ଷଣୀୟ ହୋଇଥିଲା। ୫ ରାତି ପାଲା ପରିବେଷଣ ସହ ଗୋଟିଏ ରାତି ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉଦ୍ୟମରେ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ବରଗଡ଼ର ସମ୍ବଲପୁରୀ ନୃତ୍ୟ ଓ ଖୋର୍ଦ୍ଧାର ପାଇକ ଆଖଡ଼ା ପରିବେଷଣ ହୋଇଥିଲା। ଏହି ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ପ୍ରତ୍ୟହ ସନ୍ଧ୍ୟାରେ ଆଖପାଖ ଗ୍ରାମର ଲୋକଙ୍କ ଭିଡ଼ ଲାଗିଥିଲା। ପ୍ରତିଦିନ ୫ଶହ ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# ଡ୍ରେନ୍ କାର୍ଯ୍ୟ ନିମ୍ନମାନର

ଚାନ୍ଦବାଲି,୩।୪(ରତିକାନ୍ତ ବାରିକ)

ଚାନ୍ଦବାଲି ଏନ୍ଏସିର ୪ ନଂ. ୱାର୍ଡରେ ରାତିଅଧିଆ ଡ୍ରେନ୍ ମରାମତି କାର୍ଯ୍ୟ ଚାଲିଛି। ଗତ ବୁଧବାର ରାତିଅଧିଆ କାମ ହେଉଥିବା ବେଳେ ଏନେଇ କୌଣସି ଫଳକ ନ ଥିଲା। ସେହିପରି ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଦେଖିବାକୁ ମିଳି ନ ଥିଲା। ଉକ୍ତ କାର୍ଯ୍ୟକୁ ଯିଏ ବିରୋଧ କରୁଛନ୍ତି, ଠିକାଦାରଙ୍କଠାରୁ ଧମକ ମିଳୁଛି। ଡ୍ରେନ୍ ମରାମତି କାର୍ଯ୍ୟ ନିମ୍ନମାନର ହେଉଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ଅଭିଯୋଗ ଆଣିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଉପରିସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏନେଇ ଏନ୍ଏସି ଜେଇ ପ୍ରଭାତ କୁମାର ସାହୁ କହିଛନ୍ତି, ଠିକାଦାର ଜାଣି ନ ଥିଲେ, ରାତିରେ କାମ ଆରମ୍ଭ କରିଦେଇଥିଲେ, ମନା କରାଯିବା ପରେ ସେ କାମ ବନ୍ଦ ରଖିଛନ୍ତି। ତେବେ ଛୋଟ ମରାମତି କାମ ଯୋଗୁ ଫଳକ ଲଗାଯାଇ ନାହିଁ।

# ନିଖୋଜ ୨ ଛାତ୍ରଙ୍କ ସନ୍ଧାନ ମିଳିଲା

ଭଦ୍ରକ,୩।୪(ସନାତନ ରାଉତ)

ଭଦ୍ରକ ସାମରାଇପୁରସ୍ଥିତ ଏକ ଘରୋଇ ସ୍କୁଲ ହଷ୍ଟେଲରୁ ୨ଜଣ ଦଶମ ଶ୍ରେଣୀ ଛାତ୍ର ଗୁରୁବାର ରାତିରୁ ନିଖୋଜ ଥିବାବେଳେ ଶୁକ୍ରବାର ସନ୍ଧ୍ୟାରେ ସେମାନଙ୍କ ସନ୍ଧାନ ମିଳିଛି। ସୂଚନା ଅନୁଯାୟୀ, ୨ ଛାତ୍ର ଗୁରୁବାର ରାତିରେ ହଷ୍ଟେଲରୁ କେଉଁଆଡ଼େ ଚାଲିଯାଇଥିଲେ। ସ୍କୁଲ ୱାର୍ଡେନଙ୍କଠାରୁ ସେମାନଙ୍କ ଅଭିଭାବକ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ। ରାତିରେ ସେମାନେ ଭଦ୍ରକ ସହର, ରେଲୱେ ଷ୍ଟେଶନ, ବସ୍‌ଷ୍ଟାଣ୍ଡ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପିଲାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଶୁକ୍ରବାର ସକାଳୁ ମଧ୍ୟ ସହରର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ସନ୍ଧାନ ନ ମିଳିବାରୁ ସେମାନେ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨ ଛାତ୍ରଙ୍କ ମଧ୍ୟରୁ ଜଣଙ୍କ ମୋବାଇଲକୁ ଟ୍ରାକିଂ କରି ସେମାନେ କଟକରେ ଥିବା ସନ୍ଧାନ ପାଇଥିଲା। ୨ ଛାତ୍ରଙ୍କୁ ମଧୁପାଟଣା ଥାନାରେ ରଖାଯାଇ ସେମାନଙ୍କ ଅଭିଭାବକଙ୍କୁ ଖବର ଦିଆଯାଇଥିବା ଗ୍ରାମାଞ୍ଚଳ ଥାନା ଅଧିକାରୀ ସୁବ୍ରତ ଦାସ କହିଛନ୍ତି।

# ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭଦ୍ରକ,୩।୪(ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକ ବଙ୍କ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଗୁରୁବାର ସହକାରୀ ଶିକ୍ଷୟିତ୍ରୀ ଆଶାମଣୀ ସେଠୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଦ୍ରୌପଦୀ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ ଯୋଗଦେଇ ଶିକ୍ଷୟିତ୍ରୀ ସେଠୀ ଜଣେ ଅମାୟିକ, ସମୟାନୁବର୍ତ୍ତିତା ତଥା ଉତ୍ତମ ଶିକ୍ଷୟିତ୍ରୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ବିଇଓ ଶିକ୍ଷୟିତ୍ରୀ ସେଠୀଙ୍କୁ ଅବସର ଫାଇନାଲ ପେନ୍‌ସନ ପ୍ରଦାନ କରିଥିଲେ। ଏହି ଫାଇନାଲ ପେନ୍‌ସନ ଭଦ୍ରକ ବ୍ଲକରେ ପ୍ରଥମଥର ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କ ଚେଷ୍ଟା ତଥା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କୁ ଭଲପାଇବାର ଏକ ଉଦାହରଣ ବୋଲି ମତପ୍ରକାଶ ପାଇଥିଲା। ଏଥିପାଇଁ ବିଭିନ୍ନ ମହଲରୁ ବିଇଓଙ୍କୁ ପ୍ରଶଂସା କରାଯାଇଛି। ବରେଣ୍ୟ ଅତିଥି ଭାବେ କାଉନସିଲର ପ୍ରତିନିଧି ପଙ୍କଜ ବଳ ଯୋଗ ଦେଇଥିଲେ। ସାମାଜିକ କର୍ମୀ ସୁଶାନ୍ତ ମଲ୍ଲିକ, ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# 'ସାହିତ୍ୟ ହେଉଛି ସମାଜର ଦର୍ପଣ'

ବାସୁଦେବପୁର,୩।୪(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ବରଣ୍ଡୁଆ ପଞ୍ଚାୟତର ବେତଡ଼ାଠାରେ ଯୋଗମାୟା ସାହିତ୍ୟ ସଂସ୍କୃତି ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ବାର୍ଷିକ ଉତ୍ସବ, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଯୋଗଦେଇ କହିଥିଲେ, ସାହିତ୍ୟ ହେଉଛି ସମାଜର ଦର୍ପଣ। ଅଞ୍ଚଳର ଭାଷା ସାହିତ୍ୟ ସୁଦୃଢ଼ ହେଲେ ସମାଜରେ ସାମଗ୍ରିକ ବିକାଶ ହୁଏ। ମୁଖ୍ୟବକ୍ତା ଭଦ୍ରକ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ବରେଣ୍ୟ ଅତିଥି ଭାବେ ପୂର୍ବତନ ପ୍ରଫେସର ଡ. ଗିରିଶ ଚନ୍ଦ୍ର ଜେନା, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ସିଡିଏମ୍‌ଓ ଡା. ଅନିଲ କୁମାର ଦାସ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ବାହାଦୁର ପାଟସାହାଣୀ ପ୍ରମୁଖ ଯୋଗ ଦେଇଥିଲେ। ଇଂ. ଅଭୟ କୁମାର ସୂତାର ସଭାରେ ସଭାପତିତ୍ୱ କରିଥିବା ବେଳେ ବାଇଚଡେଇର ସମ୍ପାଦକ କବି ବିକାଶ କୁମାର ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଟ୍ରଷ୍ଟର ସଭାପତି ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ଅଭିନନ୍ଦନିକା ବନ୍ଦିତ ବରେଣ୍ୟ, ସାରସ୍ୱତ ପରିକ୍ରମା, ବୀରେନ୍ଦ୍ର କୁମାର ପରିଡ଼ାଙ୍କ 'କବିତା ୬୨' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶିକ୍ଷାବିତ୍, ନାଟ୍ୟକାର, କବିଙ୍କ ସମେତ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨ୟ ଅଧିବେଶନରେ କବିମାନଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା।

# ଭଦ୍ରକାଳୀ ପୀଠରେ ଘୋଡ଼ା ମେଳନ ଉତ୍ସବ ଆରମ୍ଭ



ଘୋଡ଼ାନାଚ ପାଇଁ ମଣ୍ଡପରେ ପ୍ରସ୍ତୁତ ଘୋଡ଼ା।

ଭଦ୍ରକ,୩।୪(ସନାତନ ରାଉତ)

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠରେ ଶୁକ୍ରବାର ସନ୍ଧ୍ୟାରୁ ଐତିହାସିକ ଘୋଡ଼ା ମେଳନ ଉତ୍ସବ ଆରମ୍ଭ ହୋଇଛି। ମା'ଙ୍କ ପୀଠକୁ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯାଇଥିବା ବେଳେ ଢୋଲ, ମହୁରୀ, ମାଦଳ ବାଜା ସାଙ୍ଗକୁ ଘୋଡ଼ାନାଚରେ କମ୍ପି ଉଠିବ ମା'ଙ୍କ ପୀଠ। କୈବର୍ତ୍ତ ମାହଲା ଶୋଭାଯାତ୍ରାରେ ଆସିବା ପରେ ଆହରପଦା ଘୋଡ଼ା ପ୍ରଥମେ ବାସୁଳି ମଣ୍ଡପରେ ବିଜେ କରିବେ। ପରେ ବେଲଦା, ଶୁଶୁଆ, ଗୁଆମାଳ, ତାଳପଦା ଓ ଶନିବାର ସକାଳୁ ଗୋପଗଦା ଧରପୁର, ମୋଡ଼ସାହିରୁ ଆସିଥିବା ଘୋଡ଼ା ମଣ୍ଡପରେ ବିଜେ କରିବେ। ମା'ଙ୍କ ମନ୍ଦିରରେ ପୂଜା ରୀତିନୀତି ଓ ଯଜ୍ଞ ନିମନ୍ତେ ସେବାୟତମାନଙ୍କ ଦ୍ୱାରା ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଶାନ୍ତିଶୃଙ୍ଖଳା ନିମନ୍ତେ ଭଦ୍ରକ ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ସୌରଭ ଚକ୍ରବର୍ତ୍ତୀ, ଏସ୍‌ପି ମନୋଜ ରାଉତଙ୍କ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

ବହୁ ପୁରାତନ କାଳରୁ ମା'ଙ୍କ ପୀଠରେ ଏହି ଘୋଡ଼ା ମେଳନ ପରମ୍ପରା ରହିଆସିଛି। କୈବର୍ତ୍ତ ପୁରାଣ ଅନୁସାରେ କୈବର୍ତ୍ତମାନେ ଇଷ୍ଟଦେବୀ ଭାବେ ଅଶ୍ୱକୁ ମା' ବାସୁଳି ରୂପେ ପୂଜା କରନ୍ତି। ମା' ଭଦ୍ରକାଳୀ ବାସୁଳିଙ୍କ ପ୍ରତି ରୂପ ବୋଲି କୈବର୍ତ୍ତମାନେ ବିଶ୍ୱାସ କରନ୍ତି। ସେମାନେ ଚୈତ୍ର ମାସ ପୂର୍ଣ୍ଣିମା ତିଥିରେ ନଈ କିମ୍ବା ପୋଖରୀ ମଧ୍ୟରୁ ମାଟି ଆଣି ଡଙ୍ଗା, ନାଉରୀ ଓ ଅଶ୍ୱର ମୂର୍ତ୍ତି ତିଆରି କରି ପୂଜା କରିଥାନ୍ତି। ପୂର୍ଣ୍ଣିମାର ତୃତୀୟ ଦିନ ମା' ଭଦ୍ରକାଳୀଙ୍କ ପୀଠକୁ ମା' ବାସୁଳିଙ୍କୁ ଶୋଭାଯାତ୍ରାରେ ଆଣି ମେଳନରେ ବିଜେ କରିଥାନ୍ତି।

# ଶ୍ରୀରାମ ନବମୀ ମହୋତ୍ସବ ଉଦ୍‌ଯାପିତ

ତିହିଡ଼ି,୩।୪(ସଞ୍ଜିତ ବଳ): ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଝିଙ୍କିରିଆ ଗ୍ରାମସ୍ଥିତ ପାତାଳି ହନୁମାନ ପୀଠରେ ୯ଦିନ ଧରି ଚାଲିଥିବା ଶ୍ରୀରାମ ନବମୀ ମହୋତ୍ସବ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ନବମୀ ତିଥିରେ କଳସ ଶୋଭାଯାତ୍ରାରେ ଗ୍ରାମର ଶତାଧିକ ମହିଳା ସାମିଲ ହୋଇଥିଲେ। ପରେ ଶ୍ରୀରାମଙ୍କ ମନ୍ଦିରରେ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କୁ ଯଥାରୀତି ପୂଜାର୍ଚ୍ଚନା ଆରମ୍ଭ କରାଯାଇଥିଲା। କର୍ତ୍ତା ଭାବେ ଧୀରେନ୍ଦ୍ର କୁମାର ସାହୁ ଓ ନନ୍ଦିନୀ ସାହୁ କାର୍ଯ୍ୟ ତୁଲାଇଥିଲେ। ଗତ ରବିବାରଠାରୁ ପୀଠରେ ମହାଯଜ୍ଞ ୫ଦିନ ଧରି ଚାଲିବା ପରେ ଗୁରୁବାର ପୂର୍ଣ୍ଣାହୁତି ପର୍ବ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ଗୁରୁବାର ରାତିରେ ଶ୍ରୀ ହନୁମାନ, ଶ୍ରୀରାମ ଓ ଲକ୍ଷ୍ମଣଙ୍କ ମୃଣ୍ମୟ ମୂର୍ତ୍ତିକୁ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା। କମିଟି ଉପଦେଷ୍ଟା ଯାମିନୀ ମୋହନ ପାଢ଼ୀ, ବସନ୍ତ କୁମାର ପତି, ସଭାପତି ଚିନ୍ତାମଣି ଦାସ, ସମ୍ପାଦକ ଧୀରେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ସୁଶାନ୍ତ ବାରିକଙ୍କ ସମେତ ସୁଧାଂଶୁ ଶେଖର ନାୟକ, ପଦ୍ମଲୋଚନ ପତି ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ୟବସାୟୀଙ୍କ ଘରୁ ଲୁଟ ଘଟଣାରେ ୩ ଅଟକ

ନୀଳଗିରି, ୩।୪(ପ୍ରଶାନ୍ତ କୁମାର ବିଶ୍ୱାଳ)

ନୀଳଗିରି ଏନଏସି ଅଧୀନ ୯ନଂ. ୱାର୍ଡ କାହାଳିଆ ଗ୍ରାମର ବ୍ୟବସାୟୀ ଗୋବିନ୍ଦା ସିଂହଙ୍କ ଘରେ ମାର୍ଚ୍ଚ ୨୫ ତାରିଖ ରାତିରେ ୬ଜଣ ଲୁଟେରା ବନ୍ଧୁକ, ତେଲେଙ୍ଗା କଟୁରୀ ଦେଖାଇ ପ୍ରାୟ ୩୦ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନା ଅଳଙ୍କାର ସହିତ ନଗଦ ୨୦ଲକ୍ଷ ଟଙ୍କା ଲୁଟିନେଇଥିଲେ। ଏହି ଘଟଣାରେ ଶୁକ୍ରବାର ଉକ୍ତ ଲୁଟେରା ଗ୍ୟାଙ୍ଗର ୩ଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରହିଛି। ଅଟକ ଅଭିଯୁକ୍ତ ମଧ୍ୟରୁ ଜଣେ ରେମୁଣା ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଦୁଇଜଣ ଖନ୍ତାପଡ଼ା ଅଞ୍ଚଳର ବୋଲି ଜଣାପଡ଼ିଛି। ତେବେ ଖୁବ୍‌ଶୀଘ୍ର ଅନ୍ୟ ଲୁଟେରା ଧରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ସଂସ୍କୃତ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ଔପଦା, ୩।୪(ଧରିତ୍ରୀ ପଣ୍ଡା)

ଔପଦା ବ୍ଲକ ଅଧୀନ ଗେଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅବସ୍ଥିତ ଗେଟେଶ୍ୱର ସଂସ୍କୃତ ବିଦ୍ୟାପୀଠ ମାଟିଗଡାର ସଂସ୍କୃତ ଶିକ୍ଷକ ଲକ୍ଷ୍ମଣ ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଗଣେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କୃତ ପଣ୍ଡିତ ଦିବାକର ରଥ ଓ ତାଙ୍କ ସ୍ତ୍ରୀ ରୁକ୍ମିଣୀ ରଥ, ମୁଖ୍ୟବକ୍ତା ସାମାଜିକ କର୍ମୀ ଅଶୋକ କୁମାର ପ୍ରଧାନ, ସମ୍ମାନିତ ଅତିଥି ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ପଣ୍ଡିତ ରବିନାରାୟଣ ଶତପଥି, ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ପଣ୍ଡା, ପ୍ରଧାନ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ, ଅବସର ଶିକ୍ଷକ ଅନ୍ତର୍ଯ୍ୟାମୀ ନାୟକ, ପ୍ରାକ୍ତନ କଲେଜ ସଭାପତି ନରହରି ନାୟକ, ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ନାଥ ବେହେରା, ଜଞ୍ଜାଳି ସାମଲ ପ୍ରମୁଖ ଯୋଗଦେଇ ମହାପାତ୍ରଙ୍କର ଦୀର୍ଘ ବର୍ଷର ନିଷ୍ଠାପର ଶିକ୍ଷାଦାନ ଓ ସ୍କୁଲର ଉନ୍ନତି ପାଇଁ ତାଙ୍କର ଅବଦାନକୁ ଉଚ୍ଚପ୍ରଶଂସା କରିଥିଲେ। ମଞ୍ଚ ପରିଚାଳନା କବି ରମଣୀକାନ୍ତ ମିଶ୍ର କରିଥିବା ବେଳେ ଦାଶରଥି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପଣ୍ଡିତ ଦିବାକର ରଥ ଓ ସ୍ତ୍ରୀ ରୁକ୍ମିଣୀ ରଥଙ୍କୁ ବସ୍ତ୍ର ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବା ସହିତ ଲକ୍ଷ୍ମଣ କୁମାର ମହାପାତ୍ର ଓ ତାଙ୍କ ସ୍ତ୍ରୀ ଙ୍କୁ ବସ୍ତ୍ର, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ପୁରସ୍କୃତ କରିଥିଲେ।

## ସଂକ୍ଷେପରେ

### ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

ମୋରଡ଼ା/ରାସଗୋବିନ୍ଦପୁର, ୩।୪(ସ୍ୱାରକ ମାଜୀ) – ରାସଗୋବିନ୍ଦପୁର ବ୍ଲକ ଅଧୀନ ବନ୍ଧମୁଣ୍ଡି ଗ୍ରାମର ଜଣେ ବୃଦ୍ଧଙ୍କ ଶୁକ୍ରବାର ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ରଘୁନାଥ ମାହାନା(୭୦)। ଶୁକ୍ରବାର ରଘୁନାଥ ଘାସ କାଟିବାକୁ ଯାଇଥିବା ବେଳେ ପ୍ରବଳ ଖରା ଯୋଗୁ ବିଲରେ ଥିବା ପାଣିରେ ପଡ଼ି ଯାଇଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ମୋରଡ଼ା ଥାନା ଅଧୀନ ଚିତ୍ରଡ଼ା ପାଟପୁରଠାରେ ଗୁରୁବାର ବିଳମ୍ବିତ ରାତିରେ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳର ସଞ୍ଜୟ ମାଝୀ।

### ମାଙ୍କଡ଼ା ପଥର ବୋଝେଇ ଗାଡ଼ି ଜବତ

ଉଦଳା,୩।୪(ସନ୍ତୋଷ କୁମାର ବାଛିନୀ)– ଉଦଳା ବନ ବିଭାଗ ଗୁରୁବାର ସନ୍ଧ୍ୟା ୭ଟାରେ ମାଙ୍କଡ଼ା ପଥର ବୋଝେଇ ଗାଡ଼ି ଜବତ କରିଛି। ଉଦଳା ବନାଞ୍ଚଳ ଅଧୀନ ସିମଗଡ଼ିଆ ଛକ ନିକଟରେ ବନ ବିଭାଗ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଏକ ଚୋରା ମାଙ୍କଡ଼ା ପଥର ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଖୁଣ୍ଟା ଅଭିମୁଖେ ଆସୁଥିଲା। ବନ ବିଭାଗ କର୍ମଚାରୀଙ୍କୁ ଦେଖି ଗାଡ଼ି ଛାଡ଼ି ଡ୍ରାଇଭର ଫେରାର ହୋଇଯାଇଥିଲେ।

### ଆମେ ଜାଣିବା ଆମ ବଜେଟ କାର୍ଯ୍ୟକ୍ରମ

ଖାରପୋଖରିଆ,୩।୪(ସୁଧୀର କୁମାର ମହାନ୍ତ)– ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପତ୍ର ସଂଖ୍ୟା ୯୦୫୯/୨୪।୩।୨୪ ଏବଂ ସାରସକଣା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଚିଠି ନଂ.୧୨୦୦/୨୬।୩।୨୦୨୬ ଅନୁଯାୟୀ ଆମେ ଜାଣିବା ଆମ ବଜେଟ କାର୍ଯ୍ୟକ୍ରମ ଜାଲଦା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ସରପଞ୍ଚ ନିନି ନାଏକଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଚନ୍ଦ୍ର ମୋହନ ସିଂ, ଏଡିଓ ବୁଢ଼ାନ ମାଝୀ, ନାଏବ ସରପଞ୍ଚ ଶତିଶ ଚନ୍ଦ୍ର ପାଲ, ଯୋଗାଣ ସହାୟକ ଉତ୍ତମ କୁମାର ମହାନ୍ତଙ୍କ ସହିତ ପଞ୍ଚାୟତର ୧୧ଟି ୱାର୍ଡର ସଭ୍ୟାସଭ୍ୟଙ୍କୁ ମିଶାଇ ବିଭିନ୍ନ ଗ୍ରାମରୁ ପ୍ରାୟ ୩୦ରୁ ଜଣ ଅଧିକ ଯୋଗ ଦେଇଥିଲେ। ଯୋଗାଣ ସହାୟକ ମହାନ୍ତ ଧନ୍ୟବାଦ ଦେଇଥିଲେ।

### ନବଜାତ ଶିଶୁକନ୍ୟା ଉଦ୍ଧାର

ରାଇରଙ୍ଗପୁର,୩।୪(ମାନସ ମହାନ୍ତି)– ଗୋରୁମହିଷାଣୀ ଥାନା ଅଧୀନ ଡମୋଉଦା ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଶୁକ୍ରବାର ଏକ ନବଜାତ ଶିଶୁ କନ୍ୟା ଉଦ୍ଧାର ହୋଇଛି। ଶିଶୁ କନ୍ୟା କାନ୍ଦୁଥିବା ଶୁଣି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶିଶୁ କନ୍ୟାକୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ରାଇରଙ୍ଗପୁର ହସ୍ପିଟାଲକୁ ହସ୍ତାନ୍ତର କରାଯାଇଛି। ଅଙ୍ଗନୱାଡି କର୍ମୀ ରାଇରଙ୍ଗପୁର ହସ୍ପିଟାଲରେ ଚିକିତ୍ସାରତ ନବଜାତ ଶିଶୁ କନ୍ୟା ନିକଟରେ ରହି ଦେଖାଶୁଣା କରୁଥିବା ଶିଶୁ ଏବଂ ମହିଳା ବିକାଶ ଅଧିକାରିଣୀ କୈଳିମଣି ଗୁଡୁ ସୂଚନା ଦେଇଛନ୍ତି।

### ପୁରୁଣା ବାରିପଦାରେ ଉଡ଼ାଯାତ୍ରା

ଗୋପବନ୍ଧୁ ନଗର,୩।୪(ଶାନ୍ତନୁ କୁମାର ମଡୁଆଳ)– ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ହାଟ ପଡ଼ିଆଠାରେ ଚୈତ୍ର ପୂର୍ଣ୍ଣିମା ଅବସରରେ ଉଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୩ ଦିନ ପୂର୍ବରୁ ବାସୁଳୀଙ୍କ ପୀଠରେ ପ୍ରତି ସନ୍ଧ୍ୟାରେ ଝୁଲା ପାଟ, କଣ୍ଟା ପାଟ ଓ ନିଆଁପାଟ କାର୍ଯ୍ୟ ଦାସୀମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଶୁକ୍ରବାର ସକାଳେ ପୋଖରୀରୁ ଘଟ ଆସି ଗ୍ରାମ ପରିକ୍ରମା ପରେ ବାସୁଳୀଙ୍କ ପୀଠରେ ପହଞ୍ଚିଥିଲା। ସନ୍ଧ୍ୟାରେ ପୁଣି ପୂଜା ପାଠ ପରେ ଚୈତନ୍ୟ ଜେନା, ଅଜିତ ମଲ୍ଲିକ, ଜଟିଆ ଦେହୁରୀ ଗୌତମ ମଲିକ ପ୍ରମୁଖ ମୁଖ୍ୟ ଦାସୀ ଭାବେ କାର୍ଯ୍ୟ ତୁଲାଇ ଥିଲେ। ଚଳିତ ବର୍ଷ ୧୨ ଜଣ ଭକ୍ତ ଉଡ଼ିବାରେ ଭାଗ ନେଇଥିଲେ। ମାନସିକ ଥିବା ୮ ଜଣ ଉପାସକ ନିଜ ପିଠିରେ କଣ୍ଟାଫୋଡ଼ା କାର୍ଯ୍ୟ କରିଥିବା ଦେଖିବାକୁ ମିଳିଥିଲା। କମିଟିର ସଭାପତି କୁଳମଣି ଚୌଧୁରୀ, ସମ୍ପାଦକ କାବୁଲି ମଲିକଙ୍କ ସମେତ ବିକାଶ ବେହେରା, ହରିମୋହନ ବେହେରା, ଅଭିଜିତ୍ ଦେହୁରୀ, ସୁମନ୍ତ ନାଏକ, ରମେଶ ବାରିକ ଓ ଅଭୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାତି ପାହିଲେ ପାଣି ଚିନ୍ତା

## ନଳକୂଅ ମୂଳେ ଲାଗୁଛି ଲମ୍ବାଧାଡ଼ି



ପାଣି ପାଇଁ ନଳକୂଅ ପାଖରେ ଭିଡ଼ ଜମାଇଥିବା ମହିଳାମାନେ।

ଉଦଳା,୩।୪(ସନ୍ତୋଷ କୁମାର ବାଛିନୀ)

ଗାଁର ପ୍ରତି ଘର ଆଗରେ ପାଣି ପାଇପ୍ ଷ୍ଟାଣ୍ଡ। ଗାଁ ଦାଣ୍ଡରେ ବିଛା ହୋଇଛି ପାଇପ୍। ହେଲେ ୪ ବର୍ଷରୁ ଅଧିକ ହେବ ଲୋକଙ୍କୁ ବୁନ୍ଦାଏ ପାଣି ମିଳୁନାହିଁ। କେବଳ ସେତିକି ନୁହେଁ ଗାଁରେ ଥିବା ଅନ୍ୟ ଦୁଇଟି ନଳକୂଅ ମଧ୍ୟ ଦୀର୍ଘ ବର୍ଷ ହେବ ଅଚଳ ହୋଇ ପଡ଼ିଛି। ସେଥିପାଇଁ ରାତି ପାହିଲେ ଗାଁ ରାସ୍ତା ପାର୍ଶ୍ୱରେ ଥିବା ଏକ ନଳକୂପ ମୂଳେ ଭିଡ଼ ଜମୁଛି। ଧାଡ଼ିରେ ରହିଥାଏ ଗରା ଓ ବାଲଟି, ଆଉ ନିଜ ପାଳିକୁ ଅପେକ୍ଷା କରି ଜଗିଥାନ୍ତି ମହିଳା। ଆଗୁଆ ଆସି ନଳକୂଅ ମୂଳେ ନ ଜଗିଲେ ପାଣି ବୁନ୍ଦାଏ ପାଇବା କଷ୍ଟ। ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ଜେଏସ୍ ଜାମୁଡିହା ପଞ୍ଚାୟତର ଭଣ୍ଡାରିପାଳ ଗ୍ରାମରେ ଦେଖିବାକୁ ମିଳିଛି ଜଳକଷ୍ଟ ସମସ୍ୟାର ଏଭଳି ଚିତ୍ର।

ସୂଚନା ଅନୁଯାୟୀ, ଭଣ୍ଡାରିପାଳ ଗ୍ରାମରେ ୭୦ରୁ ଅଧିକ ପରିବାର ବସବାସ କରନ୍ତି। ହେଲେ ଗ୍ରାମବାସୀ ପାଣି ବୁନ୍ଦାଏ ଯୋଗାଡ଼ କରିବା ପାଇଁ ସବୁଦିନ ସଂଘର୍ଷ କରୁଛନ୍ତି। ଗ୍ରାମରେ ଥିବା ୩ଟି ନଳକୂଅ ମଧ୍ୟରୁ ଗୋଟିଏ ହିଁ କାର୍ଯ୍ୟକ୍ଷମ। ଏହି ନଳକୂଅ ମୂଳେ ରାତି ପାହିଲେ ସମସ୍ତେ ଧାଡ଼ି ଲଗାଇଥାନ୍ତି। ସେହି ନଳକୂଅ ମୂଳେ ଗାଧୁଆ, ଲୁଗାଧୁଆଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ କରାଯାଇଥାଏ। ଯାହାକୁ ନେଇ ଅନେକ ସମୟରେ ଝଗଡ଼ା ମଧ୍ୟ ସୃଷ୍ଟି ହୁଏ। ଗ୍ରାମବାସୀ ବାରମ୍ବାର ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅବଗତ କରାଇଥିଲେ ମଧ୍ୟ ସମସ୍ୟା ସମାଧାନ ପ୍ରତି କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଗ୍ରାମର ବାସନ୍ତୀ ଦଳେଇ ଏବଂ ସସ୍ମିତା ଗିରି କୁହନ୍ତି, ବିଡିଓଙ୍କଠାରୁ ଆରମ୍ଭ କରି ଜନ ପ୍ରତିନିଧି ସମସ୍ତଙ୍କୁ କହିଥିଲେ ସୁଦ୍ଧା କେହି ଅଭିଯୋଗ ଶୁଣୁ ନାହାଁନ୍ତି। ସେହିପରି ନିର୍ବାଚନ ସମୟରେ ନେତାମାନେ ପ୍ରତିଶ୍ରୁତି ଦେଉଥିବାବେଳେ ଭୋଟ ପରେ କେହି ଶୁଣୁ ନ ଥିବା କଣ୍ଢୁରୀ ଦେହୁରୀ ଏବଂ ସୂର୍ଯ୍ୟମଣି ଦେହୁରୀ କହିଛନ୍ତି। ଏ ସଂକ୍ରାନ୍ତରେ କପ୍ତିପଦା ବିଡିଓ ରେଶମା ଟେଟେଙ୍କୁ ପଚାରିବାରୁ ସେ ଉକ୍ତ ଗ୍ରାମରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ଶାଳବଣି ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀମାନେ।

ବେତନଟୀ,୩।୪(ଧରଣୀଧର ମହାନ୍ତି)

ବେତନଟୀ ବ୍ଲକ ଅଧୀନ ଶାଳବଣି ସାମିଲ ନହାଣ୍ଡାଶୋଳସ୍ଥିତ ଶାଳବଣି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଉପେନ୍ଦ୍ର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ଭୋଗରାଇ ଶ୍ୟାମ ସୁନ୍ଦରପୁର୍ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ସତିଶ ଚନ୍ଦ୍ର ପଣ୍ଡା, ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା, ସମ୍ମାନିତ ଅତିଥି ତକତପୁର ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହା ବିଦ୍ୟାଳୟର ପ୍ରଫେସର ମନୋଜ କୁମାର ସେଠୀ, ବେତନଟୀ ମଙ୍ଗଳ ଅଧିକାରୀ ମଦନ ସିଂ, ପ୍ରକାଶ କୁମାର ବାରିକି, ଟାଙ୍ଗିଆ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରବିନ୍ଦ ବେହେରା, ନାହଣ୍ଡାଶୋଳ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ହାଁସଦା, ଶାଳବଣି ସମିତିସଭ୍ୟା ସୁନାମଣି ମାଝୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୁହ୍ୟା ସୋରେନ ଯୋଗ ଦେଇଥିଲେ। କୃତି ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଦାମ ବାସ୍କେ ଧନ୍ୟବାଦ ଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ସଞ୍ଜୟ କୁମାର ମହାନ୍ତ, ସୁଜାତା ମହାନ୍ତ, ରଶ୍ମିପ୍ରଭା ସେଠୀ, ଶୁଭକାନ୍ତ ନାୟକ, ହରିଶ ଚନ୍ଦ୍ର ତୁଙ୍ଗ, ସସ୍ମିତା ହେମ୍ବ୍ରମ, ଜ୍ଞାନରଞ୍ଜନ ମହାନ୍ତ, ଲକ୍ଷ୍ମୀକାନ୍ତ ବେହେରା ଓ ସମସ୍ତ ମାଟ୍ରନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କାଳବୈଶାଖୀରେ ଭାଙ୍ଗିଲା ୪୧ ଘର

ବାରିପଦା,୩।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଗଛ ପଡ଼ି ଭାଙ୍ଗିଯାଇଥିବା ଘର।

ମୟୂରଭଞ୍ଜ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ କାଳ ବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ୪୧ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ବେଳେ ବଜ୍ରପାତରେ ଗୃହପାଳିତ ପ୍ରାଣୀ ମୃତ୍ୟୁବରଣ କରଛନ୍ତି। ଜିଲା ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯାଇଛି। ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି।

ସୂଚନାଯୋଗ୍ୟ, ଗୁରୁବାର ରାତିରେ କାଳବୈଶାଖୀ ତାଣ୍ଡବ ରଚିଥିଲା। ଏହାର ପ୍ରଭାବରେ ଜିଲାର ଶାମାଖୁଣ୍ଟା, ବାରିପଦା ଓ ବିଜାତଳା ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଶାମାଖୁଣ୍ଟା ବ୍ଲକ୍‌ର ଖାଣ୍ଡିଆ, ଭାଲକୀ ଓ ବାଲିଡିହା ପଞ୍ଚାୟତର ୪ଟି ଗ୍ରାମରେ ବିଶେଷ କ୍ଷୟକ୍ଷତି ଘଟିଛି। ବଡ଼ ବଡ଼ ଗଛ ଓ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡ଼ିଛି। ଏପରିକି କେତେକ ଘରର ଛପର ଉଡିଯିବା ସହ କାନ୍ଥ ମଧ୍ୟ ଭାଙ୍ଗିଥିବା ଦେଖିବାକୁ ମିଳିଛି। ବଜ୍ରପାତରେ ୪ଟି ଛେଳିର ମୃତ୍ୟୁ ଘଟଛି। ଶୁକ୍ରବାର ସକାଳେ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଅଧିକାରୀମାନେ ପହଞ୍ଚି ବିପନ୍ନ ପରିବାରକୁ ପଲିଥିନ ଯୋଗାଇ ଦେଇଛନ୍ତି। ରାଜସ୍ୱ ଅଧିକାରୀ, କୃଷି ଅଧିକାରୀ ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଉଛି । ଚୂଡାନ୍ତ ରିପୋର୍ଟ ଆସିଲା ପରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲା ଜରୁରୀକାଳୀନ ବିଭାଗ ସୂଚନା ଦେଇଛି।

# ନଦୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ଝାରପୋଖରିଆ,୩।୪(ସୁଧୀର କୁମାର ମହାନ୍ତ)– ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ରାଜାଲୋକା ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଗ୍ରାମର ହିରାମଣୀ ସୋରେନ (୫୪) ନିକଟସ୍ଥ କତରା ନଦୀକୁ ଶୁକ୍ରବାର ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡି ପ୍ରାଣ ହରାଇଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୧୩/୨୬) ରୁଜୁ ହୋଇଛି।

# ନବନିର୍ବାଚିତ ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥପାଠ

ବାରିପଦା,୩।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)– ମୟୂରଭଞ୍ଜ ଜିଲା ଓକିଲ ସଂଘ ବାରିପଦାର ନବ ନିର୍ବାଚିତ କର୍ମକର୍ତ୍ତାଙ୍କର ଶପଥପାଠ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଆଇନଜୀବୀ କିଶୋର ଚନ୍ଦ୍ର ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଂଘର ପୂର୍ବତନ ସଭାପତି ହିମାଂଶୁ ପରିଡା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସଭାପତି ପ୍ରଦୀପ କୁମାର ପରିଡା ଯୋଗ ଦେଇଥିଲେ। ନବ ନିର୍ବଚିତ କର୍ମକର୍ତ୍ତାଙ୍କ ମଧ୍ୟରେ ସଭାପତି ଜ୍ୟୋତିପ୍ରକାଶ ରଥ, ଉପସଭାପତି ସତ୍ୟବ୍ରତ ଦାସ, ସମ୍ପାଦକ ବିପ୍ଳବ ବାରିକ, କୋଷାଧକ୍ଷ ପଦ୍ମଲୋଚନ ମହାନ୍ତ, ଯୁଗ୍ମ ସମ୍ପାଦକ ସ୍ୱରୂପ କୁମାର, ପଙ୍କଜ କୁମାର ମହାକୁଡ, କୃଷ୍ଣଚନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ କମିଟି ସଦସ୍ୟ ଗିରିଶଚନ୍ଦ୍ର ମହାପାତ୍ର, ଦେବରାଜ ମିଶ୍ର ଓ ଗୌତମ ଶଙ୍କର ରାୟ, ସଦସ୍ୟା ମଧୁସ୍ମିତା ସେଠୀ, ସ୍ୱପ୍ନା ମହାନ୍ତି, ବୈଜୟନ୍ତୀ ବାସ୍କେ, ସସ୍ମିତା ଘୋଷାଲ ଓ ରୂପଶ୍ରୀ ବାରିକ ପଦ ଓ ଗୋପନୀୟତାର ଶପଥ ନେଇଥିଲେ। ସମସ୍ତଙ୍କୁ ବିଜୟୀ ପ୍ରମାଣ ପତ୍ର ମଧ୍ୟ ସଂଘ ପକ୍ଷରୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ବହୁ ସଦସ୍ୟା ସଦସ୍ୟ ଯୋଗ ଦେଇଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଶିକ୍ଷକ ସୋମନାଥ ସିଂହଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବାରିପଦା,୩।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ମ୍ୟୁନିସିପାଲିଟି ୧୫ନଂ. ୱାର୍ଡସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୋମନାଥ ସିଂହଙ୍କ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୌମ୍ୟ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କାଉନସିଲର ନିରୁପମା ମହାନ୍ତି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶୀଧର ସିଂ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ସମଗ୍ର ଶିକ୍ଷା ମୟୂରଭଞ୍ଜର ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ, ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ, ଏଫ୍‌ସି ଅଶୋକ କୁମାର ସାମଲ, ଶିକ୍ଷକ ନେତା ବିମଳ କୁମାର ଆଚାର୍ଯ୍ୟ, ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ହରେକୃଷ୍ଣ ବାରିକ, ପ୍ରଦୀପ କୁମାର ନାଥ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ଓ ବ୍ରଜମୋହନ ମୁର୍ମୁ, ସାଇ କୋଚ ବିନୋଦ ରାମ, ତ୍ରିରଙ୍ଗା କ୍ଲବର ସଭାପତି ଆଲୋକ କୁମାର ମହାନ୍ତି, ଉପ ସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସାମାଜିକ କର୍ମୀ ଅମର କୁମାର ସେଠି, ସରୋଜ ମହାପାତ୍ର (ଲିଟନ), ଡ.ନିରୋଜ କୁମାର ପୋଥାଳ, ଚିତ୍ତରଞ୍ଜନ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ ମହାନ୍ତି, ନବକିଶୋର ପାଲବାବୁ, ବଳରାମ ନାଥ, ଡ. ଅସୀମ କୁମାର ଚକ୍ରବର୍ତ୍ତୀ, କମଳ ମହାକୁଡ଼, ରାମଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟ ତଥା ସମାଜ ପାଇଁ ଶିକ୍ଷକ ସିଂହଙ୍କ ଉଲ୍ଲେଖନୀୟ ଅବଦାନ ଉପରେ ଆଲୋକପାତ କରିବା ସହ ପରବର୍ତ୍ତୀ ସୁଖମୟ ଜୀବନ କାମନା କରିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ରିଲିଫ କମିଶନର ତଥା ପୂର୍ବତନ ଜିଲାପାଳ ରାଜେଶ ପ୍ରଭାକର ପାଟିଲ ଏବଂ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ ପ୍ରଦାନ କରିଥିବା ଅଭିନନ୍ଦନ ପତ୍ରକୁ ଡିସିପିଓ ବିଶ୍ୱାଳ ପାଠ କରିଥିଲେ। ତ୍ରିରଙ୍ଗା କ୍ଲବ, ବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀ ଶିକ୍ଷକ ଓ ହଷ୍ଟେଲର କର୍ମକର୍ତ୍ତା ସିଂହଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଶିକ୍ଷକ ଗଣେଶ ବେହେରା ମଞ୍ଚ ପରିଚାଳନା କରିଥିଲେ।

# କଟକଣା ଜାରି ପାଇଁ ଜିଲାପାଳଙ୍କୁ ଦାବିପତ୍ର

## ଡିଜେ ଶବ୍ଦରେ ପୂର୍ବତନ ରଣଜୀ କ୍ରିକେଟ ଖେଳାଳି ଅସୁସ୍ଥ ହେବା ଘଟଣା

ବାରିପଦା,୩।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହରରେ ରାମନବମୀ ଶୋଭାଯାତ୍ରା ସମୟରେ ପ୍ରଚଣ୍ଡ ଡିଜେ ଶବ୍ଦ ଯୋଗୁ ପୂର୍ବତନ ରଣଜୀ କ୍ରିକେଟ ଖେଳାଳି ଲଲାଟେନ୍ଦୁ ବେହେରା ହୃଦଘାତରେ ଅସୁସ୍ଥ ହେବା ଘଟଣାକୁ ନେଇ ସ୍ଥାନୀୟ ନାଗରିକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ବାରିପଦା ବାସିନ୍ଦାମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ ପୂର୍ବକ ଡିଜେ କଟକଣା ପାଇଁ ହସ୍ତକ୍ଷେପ ଲୋଡ଼ିଛନ୍ତି। ନାଗରିକମାନେ ପରିବେଶ ସୁରକ୍ଷା ଆଇନ ଅନୁଯାୟୀ ନୋଇଜ ପଲ୍ୟୁସନ (ରେଗୁଲେସନ ଆଣ୍ଡ କଣ୍ଟ୍ରୋଲ) ରୁଲସ ୨୦୦୦କୁ କଠୋର ଭାବେ ଲାଗୁ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ ଶୋଭାଯାତ୍ରା ଓ ସାର୍ବଜନିକ କାର୍ଯ୍ୟକ୍ରମରେ ଡିଜେ ସାଉଣ୍ଡର ସର୍ବୋଚ୍ଚ ସ୍ତର ନିୟନ୍ତ୍ରଣ (ଆଇନ ଅନୁଯାୟୀ ଆମ୍ବିଏଣ୍ଟ ଶବ୍ଦର ୧୦ ଡେସିବଲ ଉପରେ ନୁହେଁ), ସାର୍ବଜନିକ ସ୍ଥାନରେ କୌଣସି ଆମ୍ପ୍ଲିଫାଇଡ ସାଉଣ୍ଡ ସିଷ୍ଟମ ବ୍ୟବହାର ପାଇଁ ପୂର୍ବ ଅନୁମତି ବାଧ୍ୟତାମୂଳକ, ଉତ୍ସବ ସମୟରେ ମନିଟରିଂ ଟିମ ମୁତୟନ, ନିୟମ ଉଲ୍ଲଂଘନ କରୁଥିବା ଆୟୋଜକ ଓ ଡିଜେ ଅପରେଟରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଆଦି ଦାବି ରଖିଛନ୍ତି। ଜିଲା ଓକିଲ ସଂଘ ବାରିପଦାର ସଭାପତି ଜ୍ୟୋତିପ୍ରକାଶ ରଥ, ମଳୟ କୁମାର ଜେନା, ବିଶ୍ୱଜିତ ଦାସ ପ୍ରମୁଖ ଡିଜେ କଟକଣା ହେଲେ ବୃଦ୍ଧ, ହୃଦ୍‌ରୋଗୀ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ହୋଇପାରିବ ବୋଲି କହିଛନ୍ତି।

# ରାସ୍ତାରୋକୋ ପରେ ହତ୍ୟା ଅଭିଯୁକ୍ତ ଗିରଫ



ମୃତଦେହ ରଖି ଲୋକେ ରାସ୍ତାରୋକୋ କରିଛନ୍ତି।

ଝାରପୋଖରିଆ,୩।୪(ସୁଧୀର କୁମାର ମହାନ୍ତ)

ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିବା ପରେ ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ପୋଲିସ ଜଣେ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସାରସକଣା ବ୍ଲକ୍ ଝାରପୋଖରିଆ ପଞ୍ଚାୟତ ଗହଳାମୁଣ୍ଡା ଗ୍ରାମର ଗୁରୁଗୋବିନ୍ଦ ମହାନ୍ତ। ସୂଚନା ଅନୁଯାୟୀ, ଅଭିଯୁକ୍ତ ଗୁରୁଗୋବିନ୍ଦ ସାମାନ୍ୟ ବଚସାକୁ କେନ୍ଦ୍ରକରି ବୁଧବାର ସେହି ଗ୍ରାମର ଅମୃତ ମହାନ୍ତଙ୍କୁ କୁରାଢ଼ିରେ ମରଣାନ୍ତକ ଆକ୍ରମଣ କରିଥିଲେ। ପରିବାର ଲୋକେ ଅମୃତଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହୋଇ ଆସିଥିଲା। ପରିବାର ଓ ଗ୍ରାମବାସୀ ମୃତଦେହ ରଖି ୪୯ନଂ. ଜାତୀୟ ରାଜପଥକୁ ବାଲିଆସାହିଠାରେ ଅବରୋଧ କରି ଅଭିଯୁକ୍ତଙ୍କ ଗିରଫ ଦାବି କରିଥିଲେ। ଖବରପାଇ ଝାରପୋଖରିଆ ଥାନାଧିକାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମାଜିଷ୍ଟ୍ରେଟ ଭାବେ ସାରସକଣା ତହସିଲଦାର ମନୋଜ କୁମାର କାର୍ଜି ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ରେଡକ୍ରସ ପକ୍ଷରୁ ୨୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଥାନାଧିକାରୀ ଓ ତାଙ୍କ ଟିମ୍ ରାତି ତମାମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଝାରପୋଖରିଆସ୍ଥିତ ଅନ୍ଧାରୀ ଜଙ୍ଗଲରୁ ଧରିବାରେ ସଫଳ ହୋଇଥିଲେ। ମେଡିକାଲ ପରୀକ୍ଷା ପରେ ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୧୧/୨୬) ରୁଜୁ ହୋଇଛି।

# ପାରମ୍ପରିକ ପୋଷାକ ପରିଧାନ ଦିବସ

ବାରିପଦା,୩।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)– ଓଡ଼ିଆ ପକ୍ଷ–୨୦୨୬ ପରିପ୍ରେକ୍ଷୀରେ ବାରିପଦାସ୍ଥିତ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲାସ୍ତରୀୟ ସୃଜନାତ୍ମକ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲାର ୪୬ଟି ଡିଗ୍ରୀ ମହାବିଦ୍ୟାଳୟର ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ନେଇ ଗଳ୍ପ, କବିତା ଓ ପ୍ରବନ୍ଧ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ୨୫ଜଣ ପ୍ରତିଭାଙ୍କୁ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଯୋଗଦେବା ପାଇଁ ଚୟନ କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ମାର୍ଗ ଦର୍ଶନ ଏବଂ ଓଡ଼ିଆ ପକ୍ଷ ସଂଯୋଜକ ଡ.ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ରଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅୟୋଜିତ ହୋଇଥିଲା। ସହ ସଂଯୋଜକ ଡ. ଦୟାନିଧି ପରିଡ଼ା ଓ ଛନ୍ଦିତା ବିଶାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ଦୀପକ କୁମାର ବେହେରା, ଡ. ଆଶୁତୋଷ ପ୍ରୟାସ ଦାଶ, ଡ. ପ୍ରିୟବ୍ରତ ବେହେରା ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ସମସ୍ତ କର୍ମଚାରୀ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟନରେ ସୁଷ୍ଠୁ କ୍ରିଷ୍ଣା ରେଡ୍ଡୀ ସକ୍ରିୟ ସହଯୋଗ କରିଥିଲେ।

# ହାଇକୋର୍ଟଙ୍କ ଆଦେଶ ଅବମାନନା ମାମଲା ପରେ ଅର୍ଡର ପ୍ରେରଣ

## ବର୍ଦ୍ଧିତ ଦରମା ମାଗିବାରୁ କର୍ମଚାରୀଙ୍କୁ ବିଦା ଘଟଣା

କେନ୍ଦୁଝର/ହାଟଡିହୀ,୩।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ)

ଓଡିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଧାର୍ଯ୍ୟ ସମୟରେ ପାଳନ ନ କରିବାରୁ ଅଦାଲତ ଅବମାନନା ମାମଲା ଦାୟର ନେଇ ଚଳିତ ମାସ ୧ରେ ଏକ ଖବର'ଧରିତ୍ରୀ'ରେ ପ୍ରକାଶିତ ହୋଇଥିଲା। ଖବର ପ୍ରକାଶର ପରଦିନ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କେନ୍ଦୁଝର ଜିଲାପାଳ ବିଶାଲ ସିଂ ଏକ ଅର୍ଡର ପ୍ରକାଶ କରିଛନ୍ତି। ଏଥିରେ ଅର୍ଡର ନଂ. ୬୧୧/୯ ମାର୍ଚ୍ଚ ୨୦୨୬ ବୋଲି ଉଲ୍ଲେଖ ଥିବା ବେଳେ ୨୧ ଦିନ ପରେ ଅର୍ଥାତ ଚଳିତ ମାସ ଏପ୍ରିଲ ୨ରେ ମେଲ ଜରିଆରେ ଅଭିଯୋଗକାରୀଙ୍କୁ ପ୍ରେରଣ କରିଛନ୍ତି। ଅର୍ଡରରେ ଅଭିଯୋଗକାରୀଙ୍କୁ ଚାକିରୀରୁ ବିଦା କରାଯାଇ ନ ଥିବା ଏବଂ ବର୍ଦ୍ଧିତ ଦରମା ପାଇବା ପାଇଁ ଉପଯୁକ୍ତ ବ୍ୟବସ୍ଥା ଅନୁସାରେ ଆବେଦନ କରିବାକୁ ହେବ ବୋଲି ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ବର୍ଦ୍ଧିତ ଦରମା ମାଗିବାରୁ ଡିଏମ୍‌ଏଫ୍(ଜିଲା ଖଣିଜ ଉନ୍ନୟନ ପାଣ୍ଠି)ରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ବେନିୟମ ଏବଂ ମୌଖିକ ଭାବେ ଚାକିରୀରୁ ବିଦା କରି ଦେଇଥିଲେ। ଏ ନେଇ ହାଇକୋର୍ଟରେ ଏକ ମାମଲା( ଡବ୍ଲ୍ୟୁପିସି ନଂ –୩୫୧୭୭/୨୦୨୫) ଦାୟର ହୋଇଥିଲା। ୪ ସପ୍ତାହ ମଧ୍ୟରେ ଅଭିଯୋଗର ବିଚାର କରିବାକୁ ହାଇକୋର୍ଟ ୧୦ ଡିସେମ୍ବର ୨୦୨୫ ରେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଜିଲାପାଳ ଅଭିଯୋଗ ଶୁଣାଣି ପାଇଁ ଚିଠି (ନଂ. ୮୪/୧୩ ଜାନୁୟାରୀ ୨୦୨୬)ରେ ନୋଟିସ୍ ଜାରି କରି ୧୭ ଜାନୁୟାରୀ ୨୦୨୬କୁ ଶୁଣାଣି ତାରିଖ ଧାର୍ଯ୍ୟ କରିଥିଲେ। ମାତ୍ର ଶୁଣାଣି ତାରିଖ ପରେ ୨ ମାସରୁ ଅଧିକ ଦିନ ବିତି ସାରିଥିଲେ ମଧ୍ୟ ଅଭିଯୋଗ ବିଚାରର ଫଳାଫଳ ପ୍ରକାଶ ପାଇ ନ ଥିଲା। ଫଳରେ ଜିଲାପାଳ ତଥା କେନ୍ଦୁଝର ଡିଏମ୍‌ଏଫ ଅଧକ୍ଷ ବିଶାଲ ସିଂଙ୍କ ନାମରେ ୨୬ ମାର୍ଚ୍ଚ ୨୦୨୬ରେ ଓଡ଼ିଶା ହାଇକୋର୍ଟଙ୍କ ନିକଟରେ ଅଦାଲତ ଅବମାନନା ମାମଲା (ନଂ. ସିଓଏନ୍‌ଟିସି ୧୮୭୦/୨୦୨୬) ଦାୟର ହୋଇଥିଲା।

